ମୂଲ୍ୟ: ₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଅକ୍ଟୋବର ୩-୧୬, ୨୦୧୮





**ପ୍ରଦକ୍ଷିଣ :** ଯଦୁନାଥ ଦାଶ ମହାପାତ୍ର
**ଅବଲୋକନ :** ଡ. ଅନ୍ତର୍ଯ୍ୟାମୀ ମିଶ୍ର
**ପ୍ରଥମ ବହି :** ଡ. ନାରାୟଣ ପଣ୍ଡା
**ପହିଲି ପୁଲକ :** ନିର୍ଭୟ କୁମାର ପାଣି

# ସ୍ମୃତିର ସୁରଭି

**ଡ. ନାରାୟଣ ପଣ୍ଡାଙ୍କ ଜନ୍ମ ୧୬ ଜୁଲାଇ ୧୯୭୦ରେ, କଟକ ଜିଲା ଆଠଗଡ଼ର ବଡଲପଦା ଗାଁରେ। ସେ ଏକାଧାରରେ ଜଣେ କବି ଓ ନିବନ୍ଧକାର। ‘ସ୍ମୃତିର ସୁରଭି’, ‘ଇଚ୍ଛାଗଛର ଛାଇ’, ‘ଶବ୍ଦ ସଂଗମ’, ‘ଅକ୍ଷର ଅରଣ୍ୟ’, ‘ଶରତର ଶରଶଯ୍ୟା’, ‘ମନର ମରାଳ’, ‘ଫୁଲର ଫସଲ’ ଓ ‘ପବନ ପଣତ’ ପ୍ରଭୃତି କବିତା ସଂକଳନର ସେ ପ୍ରତିଭାଦୀପ୍ତ ସ୍ରଷ୍ଟା। ‘ଫୁଲର ଫସଲ’ କବିତା ସଂକଳନ ଓ ‘ଆଧୁନିକ ଓଡ଼ିଆ କବିତାର ପରିଚୟ’ ସମାଲୋଚନା ଗ୍ରନ୍ଥ ପାଇଁ ୨୦୦୪ ଓ ୨୦୦୯ରେ ‘ରାଜଧାନୀ ପୁସ୍ତକ ମେଳା’ ଦ୍ୱାରା ପୁରସ୍କୃତ। ଏଥର ପ୍ରଥମ ବହି ସ୍ତମ୍ଭରେ ପଣ୍ଡାଙ୍କର ପ୍ରଥମ ପ୍ରକାଶିତ କବିତାଗ୍ରନ୍ଥ ‘ସ୍ମୃତିର ସୁରଭି’।**






୧୯୯୮ ମସିହା ଶନିବାରର ଏକ ଅଳସ ଅପରାହ୍ଣ। ରାଧାନାଥ ବିଜ୍ଞାନ ମହାବିଦ୍ୟାଳୟରୁ ପରୀକ୍ଷା କାର୍ଯ୍ୟ ସାରି ସାଇକେଲରେ ଘରକୁ ଫେରୁଥାଏ। ବାଟରେ ସର୍ପେଶ୍ୱର ମନ୍ଦିର ଛକରେ ଡାକବାଲା କେତେ ଖଣ୍ଡ ଚିଠି ସହ ଗୋଟେ ଓଜନିଆ ପାର୍ସଲ ହାତକୁ ବଢ଼ାଇ ଦେଲା। ଆଗରୁ କେବେ ଏତେ ବଡ଼ ପାର୍ସଲ ମୋ’ ପାଖକୁ ଆସି ନ ଥିଲା। ଭୋକ ଭୁଲି, କାଳବିଳମ୍ବ ନ କରି କୌତୂହଳରେ



ଡ. ନାରାୟଣ ପଣ୍ଡା

ପାର୍ସଲ ଖୋଲି ଯାହା ଦେଖିଲି, ନିଜ ଆଖିକୁ ବିଶ୍ୱାସ କରିପାରିଲି ନାହିଁ। ଓଡ଼ିଶାର ଲବ୍ଧପ୍ରତିଷ୍ଠ ପ୍ରକାଶକ ‘ଗ୍ରନ୍ଥମନ୍ଦିର’ ପ୍ରକାଶନ ଦ୍ୱାରା ପ୍ରକାଶିତ ମୋର ପ୍ରଥମ କବିତା ସଂକଳନ ‘ସ୍ମୃତିର ସୁରଭି’ (୧୯୯୮)। ସେଦିନର ଆନନ୍ଦ ଭାଷାରେ ପ୍ରକାଶ କରି ହେବନି। ଗାଁ ଶେଷ ବରଗଛ ତଳ ଶନିମଣ୍ଡପ ଉପରେ ବହିଟିକୁ ଛାତି ଉପରେ ରଖି ଆନନ୍ଦରେ କାନ୍ଦି ପକାଇଥିଲି। ପ୍ରଥମ ପୁସ୍ତକ ପ୍ରକାଶନର ଏ ସ୍ମୃତି ଚିରକାଳ ହୃଦୟରେ ସଜଳ ହୋଇ ରହିଥିବ। ମୁଁ କବିତା ଲେଖେନି। କବିତା ମୋତେ ହାତଧରି ଲେଖାଏ। ପତଳା ଅନ୍ଧାର ପରି ପାଖେପାଖେ ଥାଏ। ଛାଇ ପରି ସାଥୀ ହୋଇ ବାଟ ଚାଲୁଥାଏ। ତାକୁ ଧରିବାକୁ ଉଦ୍ୟମ କଲେ ପଲକରେ ପାରଦ ପରି ହାତରୁ ଖସିଯାଏ। ମେଘ କୋଳରେ ଚେନାଏ ବିଜୁଳି ପରି ତା’ର ଆକସ୍ମିକ ସ୍ଫୁରଣ। ଚିନାମାଳି ଗହୀରମଥାରୁ ଭାସିଆସେ ତା’ର ସ୍ୱର। ଆନମନା କରେ। ମନ ଅଗଣାରେ ଇନ୍ଦ୍ରଧନୁର ବର୍ଣ୍ଣାଳୀ ସୃଷ୍ଟିକରେ। ଅନ୍ଧାର ଭିତରେ ଗୋଟିଏ ବାଟ ଫିଟିଯାଏ।




# ‘ଭାରତ-ଭାରତୀ’ରେ ‘ନୀରଜ’ଙ୍କ ଉପରେ ଆଲେଖ୍ୟଟି ଅତି ସୁନ୍ଦର...

ମହାଶୟ,

✻ ‘ଧରିତ୍ରୀ’ର ନିୟମିତ ପାଠକ ହିସାବରେ ‘ସାହିତ୍ୟାୟନ’ ମୋର ବେଶୀ ପ୍ରିୟ। ଏଥର ୫ ସେପ୍ଟେମ୍ବର ସଂଖ୍ୟା ‘ଭାରତ-ଭାରତୀ’ରେ ଗୋପାଳ ଦାସ ‘ନୀରଜ’ଙ୍କ ଉପରେ ଆଲେଖ୍ୟଟି ଅତି ସୁନ୍ଦର। ପଦ୍ମଭୂଷଣ ‘ନୀରଜ’ଙ୍କର ଅନେକ ପ୍ରଶଂସକ ଅଛନ୍ତି, ତା’ ଭିତରୁ ମୁଁ ଜଣେ। ଶବ୍ଦ ସଂଯୋଜନାରେ ‘ନୀରଜ’ ମାହିର୍, ହେଉ ଚଳଚ୍ଚିତ୍ର କି ବାସ୍ତବବାଦୀ କବିତା! ‘ଏ ଭାଇ ଜରା ଦେଖ୍‌କେ ଚଲୋ’ର ଲେଖକଙ୍କୁ କିଏ ବା ଭୁଲିପାରିବ! ବାସ୍ତବରେ ତାଙ୍କ ମତରେ ‘କବିତା ହେଉଛି ଆତ୍ମାର ସୌନ୍ଦର୍ଯ୍ୟର ଶବ୍ଦରୂପ’। ‘ପହିଲି ପୁଲକ’, ଅଜାମ୍ବର ମଲ୍ଲଙ୍କ ଆତ୍ମଲିପି, କବିତା ପୃଷ୍ଠା ସହ ‘ବିଜ୍ଞାନ-ସାହିତ୍ୟ’ ଭଲ ଲାଗିଲା। ବନ୍ଧୁ ବିଜୟ ନାୟକଙ୍କ ‘ଭରାନଈ’ରେ ମନ ସତରେ ଭରିଗଲା। ଭଦ୍ରକବାସୀ ଭରାନଈ ଦେଖିବା ସହଜ। ‘ସାହିତ୍ୟାୟନ’ର ନବକଳେବର ପାଠକର ମନ ଛୁଇଁଯାଉଛି।

*– ଡ. ରାଜୀବ୍ ଷଡ଼ଙ୍ଗୀ*
*ଦୂରଦର୍ଶନ କେନ୍ଦ୍ର, ଭବାନୀପାଟଣା*

✻ ୫-୧୮ ସେପ୍ଟେମ୍ବର ‘ସାହିତ୍ୟାୟନ’ରେ ସ୍ଥାନିତ ଡ. ଅବ୍ଦୁଲ୍ ଓସିଦ୍‌ଖାଁଙ୍କ କବିତାରେ ‘ସ୍ୱାପଦ’ ଶବ୍ଦଟିର ଅଭିଧାନଗତ ତ୍ରୁଟି ହୋଇଛି। ‘ସ୍ୱାପଦ’ ନୁହେଁ, ଏହା ‘ଶ୍ୱାପଦ’ ହେବ, ଯାହାର ଅର୍ଥ ହିଂସ୍ର, ମାଂସାଶୀ। ଏ ତ୍ରୁଟି ପ୍ରତି ନଜର ଦେବେ ବୋଲି ଆଶା।

*– ପ୍ରକାଶ ମୁନି, ଆସିକା, ଲାଲା ଶାସନ*

**ଆମ ଉତ୍ତର:** ଆପଣ ଯେଉଁ ତ୍ରୁଟି ଦର୍ଶାଇଛନ୍ତି, ତାହା ଠିକ୍। ଅସାବଧାନତାବଶତଃ ‘ଶ୍ୱାପଦ’ ପରିବର୍ତ୍ତେ ‘ସ୍ୱାପଦ’ ମୁଦ୍ରିତ ହୋଇଛି। ‘ସାହିତ୍ୟାୟନ’ର ଉତ୍କର୍ଷ ପାଇଁ ଆପଣଙ୍କର ଏ କଷ୍ଟକର ଉଦ୍ୟମ ପାଇଁ ଧନ୍ୟବାଦ।

✻ ସେଦିନ ଥିଲା ବୁଧବାର, କିନ୍ତୁ ଗୁରୁଦିବସ। ‘ଧରିତ୍ରୀ’କୁ ଝାଡ଼ି ଦେଲାବେଳେ କୋଳରେ ଖସିପଡ଼ିଲା ‘ସାହିତ୍ୟାୟନ’। ପ୍ରଚ୍ଛଦରେ ଗୁରୁ ବୋଧେ ଶିଷ୍ୟ ମୁଣ୍ଡରେ ଆଶୀର୍ବାଦର ହାତ ରଖିଛନ୍ତି ଓ ତଳେ ଗୋଟିଏ ବଳିଷ୍ଠ ହାତର ଆଙ୍ଗୁଠିକୁ ମୁଠେଇ ଧରିଛି ଏକ କଅଁଳ ହାତ- ଛୋଟରୁ ବଡ଼ ହେବା ପାଇଁ ଯେପରି ବଡ଼ମାନଙ୍କ ଆଙ୍ଗୁଠି ଧରି ଅନୁଭବର ବାଟ ଚାଲିବାକୁ ହୁଏ। ‘ନିଃଶ୍ୱାସରୁ ନଈକୂଳ’ରୁ ଆରମ୍ଭ କରି ଆଜି ବିମଳ ବାବୁ ୨୦୧୩ ‘ଓଡ଼ିଶା ସାହିତ୍ୟ ଏକାଡେମୀ’ ପୁରସ୍କାର ଲାଭ କରିଛନ୍ତି। ଭିନ୍ନ ସ୍ୱାଦର ବିଜ୍ଞାନଭିତ୍ତିକ ମନୋରମ ସାହିତ୍ୟ ପାଇଁ ବିଜୟକେତନ ବାବୁଙ୍କୁ ଶତ ଧନ୍ୟବାଦ। ସତରେ ୧୯୦୧ ଏଚ୍.ଜି. ୱେଲ୍ସଙ୍କ ପରିକଳ୍ପନା ୧୯୬୯ ଜୁଲାଇ ୨୦ରେ ସତ ହେଲା। ତେବେ ଲେଖକ ଭବିଷ୍ୟଦ୍ରଷ୍ଟା ନୁହେଁ ତ ଆଉ କ’ଣ? ‘ସ୍ମରଣୀୟ’ରେ ଆଉ ଜଣେ ବିଜୟ ବାବୁଙ୍କ ଭରାନଈରେ ‘ଲିଜା’ ବୁଡ଼ିଗଲା। ଯଦି ଦେଇ ତା’ ବୋଉକୁ କହିଥାନ୍ତା, ତେବେ ହୁଏତ ସୋନୋବୁଲିଜମ୍‌ର ଚିକିତ୍ସା ହୋଇପାରିଥାନ୍ତା! ପଢ଼ିଲାବେଳେ ମନେପଡ଼ିଲା ଭିଡିଓ ଗେମ୍ ‘ବ୍ଲୁ-ହ୍ୱେଲ୍’, ‘ମୋମୋ’ ବୋଧେ ଏହିପରି ସମ୍ମୋହନର ନିଶା କିଶୋର ପ୍ରାଣରେ ସଞ୍ଚାରିଥାଏ। ‘ନୀରଜ’ଙ୍କ କବିତା ଆଖିରୁ ନୀର ବୁହାଇଦେଲା- “ଜବ୍ ଚଲେ ଜାଏଗେଁ ହମ୍ ଲୌଟ୍ କେ ସାବନ କୀ ତରହ /ୟାଦ୍ ଆଏଁଗେ ପହଲା ପ୍ୟାର୍ କେ ଚୁଁବନ କି ତରହ।” ଅନସୂୟା ପଣ୍ଡାଙ୍କ ମିନିଗଳ୍ପ ‘ଝଗଡ଼ା’ ମନକୁ ତାଗଡ଼ା କରିଦେଲା। ଏଥର କବିତାର ବନ୍ୟା ସମ୍ଭବତଃ ଗଦ୍ୟ ବିଭାଗକୁ ବୁଡ଼େଇ ଦେଲା ପରି- ଟିକିଏ ବାଟଛାଡ଼/ ମଣିଷ ଆଙ୍ଗୁଳେ/ ବାପା, ‘ମୃତ୍ୟୁ ଛୁଇଁବ ଧୀରେଧୀରେ’- ମର୍ମସ୍ପର୍ଶୀ। ପ୍ରଥମ ଗଳ୍ପରେ ଉଡୁଥିବା ଡ. ଅଜାମ୍ବର ମଲ୍ଲଙ୍କୁ ଉଡ଼ନ୍ତା କିସ୍‌ଟିଏ। ଏଥର ବହି ବଜାର ପାଞ୍ଚଖଣ୍ଡ କ୍ଲାସିକ୍‌ରେ ସଜେଇ ହୋଇଛି। ଆସନ୍ତା ‘ସାହିତ୍ୟାୟନ’କୁ ଅନାଇ ରହିଲି।

*– ସନ୍ଧ୍ୟାରାଣୀ ପୁରୋହିତ*
*ସଦେଇପାଲି ନୂଆ କଲୋନୀ, ବୁର୍ଲା, ସମ୍ବଲପୁର*

✻ ଧରିତ୍ରୀ ‘ସାହିତ୍ୟାୟନ’ ଅଗଷ୍ଟ ୨୨ ତାରିଖ ସଂଖ୍ୟାର ପ୍ରଚ୍ଛଦପଟ ଦେଖିଲେ ‘ଗଜମୂର୍ଖ’ ପ୍ରବଚନଟି ଅସାର ମନେହେବ। ‘ପ୍ରଥମ ବହି’ ସ୍ତମ୍ଭରେ ରାଧାଶ୍ୟାମ ରାଉଳଙ୍କ ‘କେହି ଜଣେ ଆସିବ’, ଦୀପକ ମିଶ୍ର ଓ ବ୍ରଜନାଥ ରଥଙ୍କ ପରି ରାଜ୍ୟର ଅଗ୍ରଗଣ୍ୟ କବିଙ୍କ ଉପସ୍ଥିତିରେ ଡକ୍ଟର ପ୍ରସନ୍ନ କୁମାର ମିଶ୍ରଙ୍କ କରକମଳରେ ଲୋକାର୍ପିତ ହେବା: ସ୍ୱଜନନୀଙ୍କୁ ଉତ୍ସର୍ଗୀକୃତ ସଂକଳନଟି ନିଶ୍ଚୟ ପ୍ରତିଟି ଓଡ଼ିଆ ପ୍ରାଣରେ ସ୍ପନ୍ଦନ ଆଣିବ। ଡ. ହୃଷୀକେଶ ମଲ୍ଲିକଙ୍କ ‘କଲମର ଯାଦୁକର’ ହିନ୍ଦୀ ସାହିତ୍ୟର ଜଣେ ଅଗ୍ରଗଣ୍ୟ କବି, ସାମ୍ବାଦିକ, ସାହିତ୍ୟିକ, ଅନର୍ଗଳ ବକ୍ତା, ଅବିବାହିତ ଜନନାୟକ ଓ ରାଜନୀତିଜ୍ଞଙ୍କ କାଳଜୟୀ କବିତାର କେତୋଟି ମୁଖୁଡ଼ା ପାଠକଲେ ହୃଦୟରେ ଯୁବପ୍ରାଣର ଗୁଞ୍ଜରଣ ସୃଷ୍ଟି ହେବା ସହ ଦେଶର ମହାନ୍ ବ୍ୟକ୍ତିତ୍ୱଙ୍କ ସ୍ମୃତିଚାରଣ କରିହୁଏ। କିଶୋର ଆକାଶ୍ ‘କଳଗାଉଣା’ ଗଳ୍ପରେ ପୁରୁଣା ସ୍ମୃତିକୁ ଆପଣେଇ ଟିକିଲି ଓ ସିନ୍ଦୂରକୁ ଗୌରବ ଦେଇ ଜଣେ ଯଶସ୍ୱୀ ଗାଳ୍ପିକର ମର୍ଯ୍ୟାଦା ରକ୍ଷା କରି ପାରିଛନ୍ତି। ‘ସ୍ମୃତି-ଅନୁଭୂତି’ ସ୍ତମ୍ଭରୁ ବୈଷ୍ଣବ ଚରଣ ପରିଡ଼ାଙ୍କ ‘ମସ୍କୋର ମାୟା’ ଫଟୋଚିତ୍ର ସହ ସ୍ଥାନ ପାଇ ରୁଷ୍‌ରେ ଭାରତୀୟ ପରିବାରର ସ୍ମୃତିକୁ ଦୋହରାଇଛି। ସବୁଜ ଯୁଗର ମହାନ୍ ସ୍ରଷ୍ଟା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଅମରକୃତି ‘ମାଟିର ମଣିଷ’କୁ ରୁଷ୍ ଭାଷାରେ ଅନୁବାଦ କରି ଜଣେ ଆଗଧାଡ଼ିର ଅନୁବାଦକ ହେବା କମ୍ ବଡ଼ କଥା ନୁହେଁ। ବରଜୁ ପ୍ରଧାନ, ଛକଡ଼ି, ହାରାବୋଉ ଏବେ ବି ବଞ୍ଚି ରହିଛନ୍ତି ପ୍ରତିଟି ଓଡ଼ିଆ ପାଠକଙ୍କ ହୃଦୟରେ। ‘ପହିଲି ପୁଲକ’ରେ ସ୍ଥାନିତ ବନଜ ବିଶ୍ୱାଳଙ୍କ ‘ଅଞ୍ଜଳି’ ପତ୍ରିକାରେ ପ୍ରକାଶ ପାଇଥିବା ‘ପ୍ରଦୀପ’ କବିତା ତାଙ୍କୁ ଲେଖିବାର ପ୍ରେରଣା ଦେଇଥିଲା। ‘ଅମୃତଧାରା’ ଓ ‘ପୁସ୍ତକ ପରିଚୟ’ରେ ସେବକ ଚରଣ ଦାଶଙ୍କ ‘ଅକ୍ଷରବୋଧ’ ତାଙ୍କୁ କୋସଲୀ ଭାଷାର ବର୍ଣ୍ଣବୋଧର ଜନକ ପଦବୀରେ ମଣ୍ଡିତ କରିବ ନିଶ୍ଚୟ। ସୂର୍ଯ୍ୟବେଢ଼ା, ଶରଣାର୍ଥୀ, ମାଟିଗୀତ, ମୁକ୍ତ ଆକାଶର ବିହଗଟିଏ ମୁଁ ଓ ରୂପାନ୍ତର କବିତାଗୁଡ଼ିକ କବିତା ପୃଷ୍ଠାକୁ ଋଦ୍ଧିମନ୍ତ କରିପାରିଛି। ପାକ୍ଷିକର ସୀମିତ କଳେବର ମଧ୍ୟରେ ଲେଖାକୁ ଖାପ ଖାଇଲା ପରି ଫଟୋଚିତ୍ରମାନ ରହି ପାଠକ ମନରେ ‘ସାହିତ୍ୟାୟନ’ ଗଭୀର ରେଖାପାତ କରେ।

*– ପ୍ରତାପ ଚନ୍ଦ୍ର ପାଢ଼ୀ(ଶିକ୍ଷକ)*
*ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ*

## ବିଶେଷ ଅନୁରୋଧ

କେହିକେହି ଲେଖିକା / ଲେଖକ ଇ-ମେଲ୍ କମ୍ପୋଜ୍ ବକ୍ସରେ ସିଧା କମ୍ପୋଜ୍ କରି ଓଡ଼ିଆରେ ଲେଖା / ଚିଠି ଆଦି ପଠାଉଛନ୍ତି, ଯାହା ରୂପାନ୍ତରିତ(କନ୍‌ଭର୍ଟ) ହୋଇପାରୁନାହିଁ। ଏପରି ନ କରି ମାଇକ୍ରୋସଫ୍ଟ ୱାର୍ଡ ଫାଇଲ୍ ବା ପେଜ୍-ମେକର୍‌ରେ ଲେଖା ପଠାଇବାକୁ ଅନୁରୋଧ।

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଶାସ୍ତ୍ରୀୟତା ଓ ଓଡ଼ିଆ ଭାଷା

## ଅବଲୋକନ

ଡ. ଅନ୍ତର୍ଯ୍ୟାମୀ ମିଶ୍ର

ଓଡ଼ିଆ ସମାଜର ଚାହିଦା ଯେତିକି ଯେତିକି ବୃଦ୍ଧି ପାଇଛି, ଓଡ଼ିଆ ଭାଷା ସେତିକି ସେତିକି ବିକଶିତ ହୋଇଛି। ଓଡ଼ିଆ ସମାଜରେ ଦୀର୍ଘକାଳ ଓଡ଼ିଆ ଭାଷାର ବିକାଶ ଓ ପ୍ରୟୋଗ ସମ୍ପାଦିତ ହୋଇଛି। ପରିଣାମ ସ୍ୱରୂପ ଓଡ଼ିଆ ଭାଷାର ଧ୍ୱନି, ଶବ୍ଦ, ରୂପତତ୍ତ୍ୱ ଓ ବାକ୍ୟତତ୍ତ୍ୱ ପ୍ରଭୃତିର କ୍ରମ ବିବର୍ତ୍ତନ ଘଟିଛି।

ଭାଷାବିଜ୍ଞାନ ଆଧାରରେ ଭାରତ ସରକାର ଶାସ୍ତ୍ରୀୟ ଭାଷାର ୪ଟି ଲକ୍ଷଣ ନିର୍ଣ୍ଣୟ କରିଥିଲେ। ତାହା ହେଲା- ଶାସ୍ତ୍ରୀୟ ମାନ୍ୟତା ଦାବି କରାଯାଉଥିବା ଭାଷାର (୧) ୧୫୦୦ ରୁ ୨୦୦୦ ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତି ରହିଥିବ, (୨) ମହତ୍ତ୍ୱପୂର୍ଣ୍ଣ ପ୍ରାଚୀନ ସାରସ୍ୱତ ପରମ୍ପରା ଥିବ, (୩) ତାହା ଅନ୍ୟ କୌଣସି ଭାଷା ଦ୍ୱାରା ପ୍ରଭାବିତ ନ ହୋଇ ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ ହୋଇଥିବ ଓ (୪) ପ୍ରାଚୀନ ଓ ଆଧୁନିକ ରୂପ ମଧ୍ୟରେ ଅବିଚ୍ଛିନ୍ନ ସମ୍ପର୍କ ଥିବ। ଏହି ୪ଟି ଲକ୍ଷଣ ଐତିହାସିକ ଭାଷା ବିଜ୍ଞାନ, ସଂରଚନାତ୍ମକ ଭାଷା ବିଜ୍ଞାନ ଓ ତୁଳନାତ୍ମକ ଭାଷାବିଜ୍ଞାନ ଉପରେ ଆଧାରିତ। ଓଡ଼ିଆ ଭାଷା ଏହି ୪ଟି ଲକ୍ଷଣଯୁକ୍ତ ହୋଇଥିବାରୁ ଭାରତ ସରକାର ୨୦୧୪ ମସିହାରେ ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଲେ। ଦୁଃଖର ବିଷୟ, ଇତିମଧ୍ୟରେ ଚାରି ବର୍ଷ ବିତିଯାଇଥିଲେ ବି ଆମେ ଆମ ଭାଷାର ଶାସ୍ତ୍ରୀୟ ମହତ୍ତ୍ୱ ରକ୍ଷା ଦିଗରେ କୌଣସି ପଦକ୍ଷେପ ନେଇପାରିନେ।

ଋକ୍‌ବେଦରେ ଭାଷାକୁ ନଦୀ ସହିତ ତୁଳନା କରାଯାଇଛି। ନଦୀ ଯେପରି ଆବିଳ ଜଳକୁ ପରିହାର କରି ଅନାବିଳ ଜଳରେ ନିଜକୁ ପରିପୂର୍ଣ୍ଣ କରେ, ସେହିପରି ଗୋଟିଏ ଭାଷା କାଳାନୁକ୍ରମିକ ପ୍ରବହମାନତା ଯୋଗୁଁ ଅରୁଚିକର ବିଭବକୁ ପରିହାର କରି ରୁଚିକର ବିଭବରେ ପରିପୂର୍ଣ୍ଣ ହୋଇ ଶୁଦ୍ଧ ଓ ସରସ ହୋଇଥାଏ। ଏହାହିଁ ଶାସ୍ତ୍ରୀୟ ଭାଷା। ଓଡ଼ିଆ ଭାଷା କ୍ଷେତ୍ରରେ ମଧ୍ୟ ଏଇୟା ଘଟିଛି। ବୈଦିକ ଯୁଗୀୟ ପ୍ରାକୃତ ଭାଷାରୁ ଜନ୍ମ ନେଇଥିବା ଓଡ଼ିଆ ଭାଷା କ୍ରମ ବିକଶିତ ସଂଶୋଧିତ ପ୍ରକ୍ରିୟାରେ ଅନ୍ୟ ଭାଷାରୁ ବହୁ ବିଭବ ଆହରଣ କରି ସମୃଦ୍ଧ ଓ ଶାସ୍ତ୍ରୀୟ ହୋଇପାରିଛି। ଶାସ୍ତ୍ରୀୟ ଭାଷା ଉଦ୍‌ଘୋଷିତ ହେବା ସତ୍ତ୍ୱେ ସମ୍ପ୍ରତି ଓଡ଼ିଆ ଭାଷାର ସ୍ଥିତି କିନ୍ତୁ ନୈରାଶ୍ୟଜନକ। ଓଡ଼ିଆ ଭାଷାର ଆହରଣଶୀଳତା ଓ ଉତ୍ପାଦନ କ୍ଷମତା ଅନନ୍ୟ। ବ୍ୟାପକ ବ୍ୟବହାର ଦ୍ୱାରା ଏହାର ଜୀବନୀଶକ୍ତି ବୃଦ୍ଧି ପାଇଛି। ବର୍ତ୍ତମାନ ସାମାଜିକ, ଶିକ୍ଷା, ବାଣିଜ୍ୟ, ପ୍ରତ୍ୟେକ ପରିସରରେ ଓଡ଼ିଆ ଭାଷାର ବ୍ୟବହାର କମି ଆସିଲାଣି। ଓଡ଼ିଆ ଭାଷାର ଏହି ଦୁରବସ୍ଥା ନ ସୁଧୁରିଲେ ଏହା କ୍ରମେ ଶାସ୍ତ୍ରୀୟ ମହତ୍ତ୍ୱ ହରାଇ ବସିବ।



ଓଡ଼ିଆ ସମାଜର ଚାହିଦା ଯେତିକି ଯେତିକି ବୃଦ୍ଧି ପାଇଛି, ଓଡ଼ିଆ ଭାଷା ସେତିକି ସେତିକି ବିକଶିତ ହୋଇଛି। ଓଡ଼ିଆ ସମାଜରେ ଦୀର୍ଘକାଳ ଓଡ଼ିଆ ଭାଷାର ବିକାଶ ଓ ପ୍ରୟୋଗ ସମ୍ପାଦିତ ହୋଇଛି। ପରିଣାମ ସ୍ୱରୂପ ଓଡ଼ିଆ ଭାଷାର ଧ୍ୱନି, ଶବ୍ଦ, ରୂପତତ୍ତ୍ୱ ଓ ବାକ୍ୟତତ୍ତ୍ୱ ପ୍ରଭୃତିର କ୍ରମ ବିବର୍ତ୍ତନ ଘଟିଛି। ଶତାବ୍ଦୀ ଶତାବ୍ଦୀ ଧରି ନୂତନ ନୂତନ ଶବ୍ଦର ଆହରଣ, ସ୍ଥାନକୁଳ ଆରୋପଣ, ନୂତନ ଶବ୍ଦର ନିର୍ମାଣ, ନୂତନ ଅର୍ଥର ଉଦ୍ଭାବନ, ବାକ୍ୟ ଗଠନରେ ନବୀକରଣ ଏବଂ ନୂତନ ଶୈଳୀର ପ୍ରବର୍ତ୍ତନ ଦ୍ୱାରା ଓଡ଼ିଆ ଭାଷା ସ୍ୱକୀୟ ଉତ୍ପାଦନ କ୍ଷମତାର ଅଭିବୃଦ୍ଧି ଘଟାଇପାରିଛି। ଓଡ଼ିଆ ଜାତିର ଜ୍ଞାନ, ସଂସ୍କୃତି ଓ ସଭ୍ୟତାର ବିକାଶ ସଙ୍ଗେସଙ୍ଗେ ଓଡ଼ିଆ ଭାଷାର ବିକାଶ ସାଧିତ ହୋଇପାରିଛି। ମହନୀୟତା ହେଉଛି, ଷଷ୍ଠ-ସପ୍ତମ ଶତାବ୍ଦୀରୁ ଓଡ଼ିଆ ଭାଷା ପ୍ରଜ୍ଞାର ଐଶ୍ୱର୍ଯ୍ୟମୟ ଆଭାସରେ ଉଦ୍ଭାସିତ ହୋଇ ସାହିତ୍ୟ ସୃଷ୍ଟି କରିବାର ସାମର୍ଥ୍ୟ ଲାଭ କରିଛି।

ପରବର୍ତ୍ତୀ ଶତାବ୍ଦୀଗୁଡ଼ିକରେ ଓଡ଼ିଆ ଭାଷାର ବିକାଶ ଘଟିବା ସହିତ ଓଡ଼ିଆ ସାହିତ୍ୟ ନିତ୍ୟନୂତନ ରୂପ ଧାରଣ କରିଛି। ପଞ୍ଚସଖା ଯୁଗରେ ମାନକ ଓଡ଼ିଆ ଭାଷା ସୃଷ୍ଟି ହେବା ପରେ ସାହିତ୍ୟରେ ଶୃଙ୍ଖଳା ଆସିଥିଲା ଏବଂ କାବ୍ୟଯୁଗରେ ଓଡ଼ିଆ ଭାଷା ଉତ୍କୃଷ୍ଟ ଭାଷା ରୂପେ ବିବେଚିତ ହୋଇ ଓଡ଼ିଆ ସାହିତ୍ୟ ସଂସ୍କୃତ ସାହିତ୍ୟର ସମକକ୍ଷ ହୋଇପାରିଥିଲା। ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ନବଜାଗରଣ ପ୍ରକ୍ରିୟା ଓଡ଼ିଆ ଭାଷା ପାଶ୍ଚାତ୍ୟ ସଭ୍ୟତାର ସ୍ପର୍ଶରେ ଆଧୁନିକ ରୂପ ଗ୍ରହଣ କରିଥିଲା।

ବର୍ତ୍ତମାନ ଓଡ଼ିଆ ସମାଜର ସଭ୍ୟତାଗତ ବୈଚିତ୍ର୍ୟ ବିଶେଷ ବୃଦ୍ଧି ପାଇଛି, ଅଥଚ ଏହି ବୈଚିତ୍ର୍ୟ ସଙ୍ଗେ ତାଳଦେବାକୁ ଓଡ଼ିଆ ଭାଷା ତା'ର ସାମର୍ଥ୍ୟ ହରାଇଛି। ଓଡ଼ିଆ ସାମାଜିକ ବିବିଧତାର ପରିସୀମା ଏତେ ବ୍ୟାପକ ହୋଇଛିଯେ, ତା' ଭିତରେ ଓଡ଼ିଆ ଭାଷା ଅଣନିଃଶ୍ୱାସୀ ହୋଇଗଲାଣି। ସଭିଏଁ ସାହିତ୍ୟ ସର୍ଜନାରେ ବ୍ୟସ୍ତ, ଏ ବିଷୟରେ କାହାର ନିଘା ନାହିଁ। ଭାଷା ହେଉଛି ଜ୍ଞାନ ବିଜ୍ଞାନର ବସ୍ତୁ ଓ ସାହିତ୍ୟ ହେଉଛି କଳ୍ପନାର ବିସ୍ତାର। ଭାଷାକୁ ନେଇ ସାହିତ୍ୟ, ସାହିତ୍ୟକୁ ନେଇ ଭାଷା ନୁହେଁ। ପୃଥିବୀରେ ଅନେକ ଭାଷା ସାହିତ୍ୟ ନ ଥାଇ ଶହଶହ ବର୍ଷ ଧରି ତିଷ୍ଠି ରହିଛି, କିନ୍ତୁ ମୈଥିଳୀ ଓ ଭୋଜପୁରୀ ପ୍ରଭୃତି ଅନେକ ଭାଷାରେ ଉତ୍କୃଷ୍ଟ ସାହିତ୍ୟ ଥିଲେ ହେଁ ସେହି ଭାଷାଗୁଡ଼ିକ ଉପଭାଷାକୁ ଅବନମିତ। ଭାଷା ବିଜ୍ଞାନୀମାନେ ମଧ୍ୟ ମତ ପ୍ରକାଶ କଲେଣିଯେ, ଆଗାମୀ କେତେବର୍ଷ ମଧ୍ୟରେ ଓଡ଼ିଆ ଭାଷା ଗୋଟିଏ ଉପଭାଷାରେ ପରିଣତ ହୋଇଯିବ ଏବଂ ଶାସ୍ତ୍ରୀୟ ମହତ୍ତ୍ୱ ହରାଇବ। ଏହାର ମୁଖ୍ୟ କାରଣ ଓଡ଼ିଆ ସମାଜରେ ଆଉ ଓଡ଼ିଆ ଭାଷାର ଆଦର ନାହିଁ। ଭାଷା ଗୋଟିଏ ସାମାଜିକ ବସ୍ତୁ। ଭାଷାର ସାମାଜିକ ଦିଗଟି ଅତୀବ ଗୁରୁତ୍ୱପୂର୍ଣ୍ଣ। ସାମ୍ପ୍ରତିକ ଓଡ଼ିଆ ସମାଜର ଉଚ୍ଚ ଓ ମଧ୍ୟମବର୍ଗ ଓଡ଼ିଆ ପରିବର୍ତ୍ତେ ଅନ୍ୟ ଭାଷାକୁ ଆଦର କଲେଣି। ଓଡ଼ିଆ ଭାଷା କେବଳ ଗାଁ ଗହଳିର ଭାଷା ହୋଇ ରହିଲାଣି। କ୍ରମେକ୍ରମେ ଓଡ଼ିଆ ଭାଷା ଅନ୍ତଃସାର ଶୂନ୍ୟ ହେବାକୁ ବସିଲାଣି। ଜ୍ଞାନ ବିଜ୍ଞାନ କଥା ଦୂରେ ଥାଉ, ସାଧାରଣ ଜୀବନଯାପନ ନିମିତ୍ତ ଓଡ଼ିଆ ଭାଷାର ବୈଭବ ଅପର୍ଯ୍ୟାପ୍ତ।

ସମାଜର ପ୍ରବହମାନ ଧାରା ଭାଷାକୁ ବଞ୍ଚାଇ ରଖେ ଓ ବିକଶିତ କରିଥାଏ। ସମ୍ପ୍ରତି ଓଡ଼ିଆ ସମାଜର ଏକ ବୃହତ୍ତର କ୍ଷେତ୍ରରୁ ଓଡ଼ିଆ ଭାଷା ହଟିଯିବା ଦ୍ୱାରା ଏହାର ଜୀବନୀଶକ୍ତି କ୍ଷୀଣ ହେବାକୁ ବସିଲାଣି। ଦୂରଦର୍ଶନ, ଆକାଶବାଣୀ, ଚଳଚ୍ଚିତ୍ର, କ୍ରୀଡ଼ା ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ ଭାଷା ଓଡ଼ିଆ ଭାଷାର କଣ୍ଠରୋଧ କଲେଣି। ଓଡ଼ିଆ ଭାଷାରେ ରାମାୟଣ, ମହାଭାରତ ଓ ଭାଗବତ ବହୁକାଳରୁ ଲେଖା ହୋଇଥିଲେ ହେଁ ହିନ୍ଦୀ ରାମାୟଣ, ହିନ୍ଦୀ ମହାଭାରତ, ସଂସ୍କୃତ ଭାଗବତ ପ୍ରଭୃତିର ପ୍ରବଚନ ଓଡ଼ିଶାର ନଗର, ଗ୍ରାମ ଓ ପଲ୍ଲୀକୁ ଆଚ୍ଛନ୍ନ କରି ରଖିଲାଣି। ଓଡ଼ିଶାର ସହର ଓ ଗ୍ରାମମାନଙ୍କରେ ରାମଲୀଳା, ବିଚିତ୍ର ରାମାୟଣ, ଅନଙ୍ଗ ରାମାୟଣ, ଭାରତ ଲୀଳା ପ୍ରଭୃତି ଆଉ ଅଭିନୀତ ହେଉନାହିଁ। ଯେଉଁ ଓଡ଼ିଆ ଭାଗବତ ଯୋଗୁଁ ଲକ୍ଷଲକ୍ଷ ଓଡ଼ିଆ ବିନା ବିଦ୍ୟାଳୟରେ ସାକ୍ଷର ହୋଇପାରିଥିଲେ, ସେହି ଭାଗବତର ଆଦର ଆଉ ଓଡ଼ିଶାରେ ନାହିଁ। ଓଡ଼ିଶା ସରକାର ଭାଗବତ ଟୁଙ୍ଗି ପାଇଁ ଆର୍ଥିକ ଅନୁଦାନ ଦେଉଥିଲେ ହେଁ ତାହା ଠିକ୍ ବାଟରେ ବିନିଯୋଗ ହେଉଛି କି ନାହିଁ, ତଦାରଖ କରିବାକୁ କେହି ନାହାନ୍ତି।

ଉଚ୍ଚସ୍ତରରେ ଥିବା ଓଡ଼ିଆମାନେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରିବାକୁ ଆଉ ଗୌରବାବହ ମନେ କରୁନାହାନ୍ତି। ମଧ୍ୟମବର୍ଗ ମଧ୍ୟ ସେମାନଙ୍କୁ ଅନୁସରଣ କଲେଣି। ସାଧାରଣ ଲୋକେ ଓଡ଼ିଆ ସାଙ୍ଗରେ କିଛି ହିନ୍ଦୀ ଓ ଇଂଲିଶ୍ ମିଶାଇ କଥାବାର୍ତ୍ତା କରି ନିଜକୁ ଜ୍ଞାନୀ ବୋଲି ପରିଚୟ ଦେଉଛନ୍ତି। ଘରେ ଆମ ଭାଷା ଓଡ଼ିଆ, ଅଥଚ କାର୍ଯ୍ୟାଳୟ, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ନ୍ୟାୟାଳୟ ଓ ଧର୍ମାଳୟ ପ୍ରଭୃତିରେ ଆମ ଭାଷା ଅଲଗା। ଓଡ଼ିଆ ଭାଷା ସମ୍ପ୍ରତି ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ବିଭିନ୍ନ ପରିବେଶ ଓ ପରିସ୍ଥିତିରେ ଆମ ଭାଷାକୁ ଆମଠାରୁ ଛଡ଼ାଇ ନିଆଯାଉଛି। ଓଡ଼ିଆ ଭାଷାର ଏହି କଣ୍ଠରୋଧ ତା' ମୃତ୍ୟୁପଥକୁ ସୁଗମ କରିଦେଉଛି। ଭାଷାର ମୃତ୍ୟୁ ଦୁଇ ପ୍ରକାରେ ହୋଇଥାଏ। କୌଣସି ଭାଷାର ବ୍ୟବହାରକାରୀ ବିଲୁପ୍ତ ହୋଇଗଲେ ବା ଭାଷାର ବ୍ୟବହାରକୁ ସଂକୁଚିତ କରାଗଲେ, ଓଡ଼ିଆ ଭାଷାର ଦ୍ୱିତୀୟ ପ୍ରକାର ମୃତ୍ୟୁ ପ୍ରାୟୋଜିତ ହେଉଛି; ଅଥଚ କୋଟିକୋଟି ଓଡ଼ିଆ ନୀରବ। ଭାଷା ପାଇଁ ତିବ୍ବତୀୟମାନେ ଜନ୍ମଭୂମି ଛାଡ଼ି ଭାରତରେ ଶରଣାର୍ଥୀ ଜୀବନଯାପନ କଲେ। ଭାଷା ପାଇଁ ବାଂଲାଦେଶ ମୁକ୍ତିସଂଗ୍ରାମ ହେଲା ଓ ଛାତ୍ରମାନେ ଆତ୍ମବଳି ଦେଲେ। ଭାଷା ପାଇଁ ଓ ଭାଷାଭିତ୍ତିକ ପ୍ରଦେଶ ନିମିତ୍ତ ତେଲେଙ୍ଗାମାନେ ନିଆଁରେ ପୋଡ଼ିହେଲେ। ଓଡ଼ିଆମାନେ କ'ଣ ସେମାନଙ୍କଠାରୁ ନ୍ୟୂନ! ଓଡ଼ିଆ ଭାଷା କୋଟିକୋଟି ଓଡ଼ିଆଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା। ବର୍ତ୍ତମାନ ସେହି ବନ୍ଧନର ଗଣ୍ଠି ହୁଗୁଳା ହୋଇ ଆସିଲାଣି। ଭାଷାରେ ଆଞ୍ଚଳିକ ମନୋବୃତ୍ତିର ପରିପ୍ରକାଶ ସେହି ଗଣ୍ଠି ଫିଟାଇ ଦେବାକୁ ତତ୍ପର। ଦୁଃଖର ବିଷୟ, ରାଜନୈତିକ ବ୍ୟକ୍ତିବିଶେଷ ଏହାକୁ ଅସ୍ତ୍ର କରି ଓଡ଼ିଶାକୁ ଓ ଓଡ଼ିଆଙ୍କର ବିଭାଜନ ଘଟାଇବାକୁ ତତ୍ପର। ଆମ ଆଖି ଆଗରେ ମେଦିନୀପୁର, ପୁରୁଲିଆ, କାନ୍ଥି, ତାମ୍ରଲିପ୍ତ, ଖଡ଼ଗପୁର ଅଞ୍ଚଳର ଓଡ଼ିଆ ବଙ୍ଗାଳୀ ହୋଇଗଲେ। ଖରସୁଆଁ, ଷଢ଼େଇକଳା, ସିଂହଭୂମ, ଧଳଭୂମି, ଚାଇଁବସା ଓ ଚକ୍ରଧରପୁରର ଓଡ଼ିଆ ବିହାରୀମାର୍କା ହୋଇ ଗୃହେଗୃହେ ନିର୍ବାସନ ଦଣ୍ଡ ଭୋଗୁଛନ୍ତି। ରାୟପୁର, ଅମ୍ବିକାପୁର, ସୁରୁଗୁଜା, ଶ୍ରୀପୁର, ଶରିଆ ଓ ବସ୍ତର ପ୍ରଭୃତିର ବାସିନ୍ଦା ହିନ୍ଦୁସ୍ତାନୀ ହୋଇଗଲେ ଏବଂ ମଞ୍ଜୁଷା, ଜଳନ୍ତର, ଟିକାଲି ଓ ସୀମାଞ୍ଚଳ ଅଞ୍ଚଳର ଓଡ଼ିଆମାନେ ତେଲୁଗୁଙ୍କ ଦ୍ୱାରା ନିର୍ଯାତିତ। ଓଡ଼ିଆ ଭାଷାଭାଷୀଙ୍କ ଖଣ୍ଡିତ ଭୂଖଣ୍ଡରୁ କିଛି ବାହାରିଲେଣି, ଯେଉଁମାନେ ଅନ୍ୟ ଭାଷାକୁ ଭିତ୍ତିକରି ଭିନ୍ନ ପ୍ରଦେଶ ଗଢ଼ିବାକୁ ତତ୍ପର। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମହତ୍ତ୍ୱ କିପରି ବଜାୟ ରହିବ, ତାହାହିଁ ପ୍ରଧାନ ଚିନ୍ତାର ବିଷୟ। ଶାସ୍ତ୍ରୀୟତା ଆଳରେ ନାନା ମୁନି ନାନା ମତ ଦେଉଛନ୍ତି। କିଏ କହୁଛି- ପ୍ରାଚୀନ ଓଡ଼ିଆ ଶାସ୍ତ୍ରଗୁଡ଼ିକର ପୁନଃ ମୁଦ୍ରଣ କରିଦିଅ। କିଏ କହୁଛି- ଓଡ଼ିଆ ବିଶ୍ୱ ବିଦ୍ୟାଳୟଟିଏ ବସାଇଦିଅ, ଅଥଚ ପଢ଼ିବାକୁ କେହି ନାହାନ୍ତି। କିଏ କହୁଛି- ଭାଷା ଆୟୋଗଟିଏ ଗଢ଼ିଦେଲେ ଅବସ୍ଥା ସୁଧୁରିଯିବ। ଭାଷା ବିଜ୍ଞାନୀ ପ୍ରଫେସର ବିଜୟ ପ୍ରସାଦ ମହାପାତ୍ର କହିଥିଲେ, ''ଭାଷାର ଉନ୍ନତି ହେବା ଅପେକ୍ଷା ନାନା ବିଶୃଙ୍ଖଳା ଦେଖାଯାଇଛି। ମାତୃଭାଷା ଗୋଟିଏ ଜାତି ପାଇଁ ଖେଳକଣ୍ଢେଇ ନୁହେଁ, ଯାହାକୁ ନେଇ ମନଇଚ୍ଛା ଯାହା କରାଯାଇପାରେ। ଏହି ସବ୍‌ଜାନ୍ତାଙ୍କ ଦୌରାତ୍ମ୍ୟରୁ ଓଡ଼ିଆ ଭାଷାକୁ ରକ୍ଷା କରିବାକୁ ହେବ।''

- ଶ୍ରୀରାମ ମଣ୍ଡପ ସରଣୀ, ଦକ୍ଷିଣକାଳୀ ମାର୍ଗ, ଢେଙ୍କାନାଳ
ଭ୍ରାମ୍ୟଭାଷ: ୮୮୯୫୨୩୦୭୨୨

# "ଘାସଗଛ ଭଲ ଲାଗେ-ଭଲ ଲାଗେ ଧରଣୀର ନୀଳ ଉତ୍ତରୀୟ..."

ଯଦୁନାଥ ଦାଶ ମହାପାତ୍ରଙ୍କ ଜନ୍ମ ୧ ମାର୍ଚ୍ଚ ୧୯୨୯ରେ, ବାଲେଶ୍ୱର ଜିଲା ସୋର ଅନ୍ତର୍ଗତ କୁଡ଼େଇ ଗାଁରେ। ଓକିଲାତିରୁ ବୃତ୍ତି ଜୀବନ ଆରମ୍ଭ, ଶେଷ ରାଜନୀତିରେ। ହେଲେ, ଚାରଣଭୂମି ସାହିତ୍ୟ- ଯେଉଁଠି ଥାଏ ସ୍ୱପ୍ନ, ସଂବେଦନା ଓ ଉତ୍ତରଣ। ଦୀର୍ଘ ସାରସ୍ୱତ-ଯାତ୍ରାରେ ସେ ଭେଟି ଦିଅନ୍ତି ଓଡ଼ିଆ ସାରସ୍ୱତ-ଭଣ୍ଡାରକୁ ୬୦ରୁ ଊର୍ଦ୍ଧ୍ୱ ପୁସ୍ତକ, ଯହିଁରୁ ୧୨ଟି ନାଟକ, ୭ଟି ଗଳ୍ପ, ୧୦ଟି କବିତା, ୮ଟି ଶିଶୁ ସାହିତ୍ୟ, ୧୫ଟି ଉପନ୍ୟାସ, ୬ଟି ଏକାଂକିକା, ୨ଟି ପ୍ରବନ୍ଧ ଓ ୨ଟି ଅନୁବାଦ। ତାଙ୍କୁ ସବୁଠୁଁ ଅଧିକ ଖ୍ୟାତି ଦେଇଛି 'ଭୁଲି ହୁଏନା', 'ରାତ୍ରିଗୋ ତୁମେ କଥା କୁହ', 'ଅଥବା ଅନ୍ଧାର', 'କଂସ' ଓ 'ବାନ୍ଦୀ ବେଗମ୍ ବାଦ୍‌ଶାହ' ନାଟକ; 'ସାର୍ଥକ କବିତା', 'ଯନ୍ତ୍ରଣାର ଅନ୍ୟନାମ', 'ହେ ଜୀବନ! ହେ ଦୁରନ୍ତ ଝଡ଼' ଓ 'ନିଜ ଚିତାଗ୍ନିରେ ନିଜେ' କବିତା ଗ୍ରନ୍ଥ ଏବଂ 'ମାଘଶେଷ ମେଘ ଶେଷ' ଉପନ୍ୟାସ। 'ଅଥବା ଅନ୍ଧାର' ନାଟକ ପାଇଁ ତାଙ୍କୁ ୧୯୭୮ରେ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'। ତା' ଆଗରୁ ମିଳିଛି ୧୯୭୪ରେ 'ଝଙ୍କାର କବିତା ପୁରସ୍କାର' ଓ ଅନ୍ୟ ଅନେକ ପୁରସ୍କାର ସହ ୨୦୦୪ରେ 'ଭୁବନେଶ୍ୱର ପୁସ୍ତକମେଳା ସମ୍ମାନ' ତଥା ୨୦୦୬ରେ 'Konark National Theatre Award'. ଆଖି ଆଗରେ ଘଟି ଯାଉଥିବା ଘଟଣାର ସେ ଚଳତ୍‌ଗତି ଲେଖକ। ମଣିଷର ଲୁହ ଓ ଲହୁ ତାଙ୍କ କବିତାରେ ପାଲଟେ ଶବ୍ଦ। ତାଙ୍କୁ 'ଘାସଗଛ ଭଲ ଲାଗେ-ଭଲ ଲାଗେ ଧରଣୀର ନୀଳ ଉତ୍ତରୀୟ'। ବ୍ୟକ୍ତି-ଜୀବନରେ ମେଳାପୀ, ରାଜନୀତିରେ ଜନମୁଖୀ ଓ ସାହିତ୍ୟରେ ଭୂମିଲଗ୍ନା ଏହି ଲେଖକଙ୍କର ଇହଲୀଳା ସାଙ୍ଗ ହେଇଛି ଏଇ ଅଗଷ୍ଟ ୨୧ରେ, ଅଥଚ କେବେ ବି ନିର୍ବାପିତ ହେବାର ନୁହେଁ, ତାଙ୍କ ଓଠର ସଦା ଉଜ୍ଜ୍ୱଳ ହସ, ଓଡ଼ିଆ ପାଠକଙ୍କୁ ତାଙ୍କ କଲମର ଉଜ୍ଜ୍ୱଳତର ନିବେଦନ...



ଯଦୁନାଥ ଦାଶ ମହାପାତ୍ର

## ଯଦୁନାଥଙ୍କ ଚର୍ଚ୍ଚିତ ଗଳ୍ପ : ସୂର୍ଯ୍ୟତାପରେ ଜଳୁଥିବା କୁନ୍ତୀ


ଆଜିଯେ କେବଳ ସକାଳ ଛ'ଟାରେ ରୀନାର ନିଦ ଭାଙ୍ଗିଗଲା ତା' ନୁହେଁ, ଏମିତି ପ୍ରତିଦିନ ଭାଙ୍ଗେ। ଏଇ ସମୟରେ ଉଠି ସେ ବେଡ୍‌ରୁମ୍‌ରୁ ବାଥ୍‌ରୁମକୁ ସିଧା ପଶିଯାଏ ଓ ସବୁ ନିତ୍ୟକର୍ମ ସାରିନିଏ। ସାଢ଼େ ସାତ ବେଳକୁ ଗ୍ୟାସ୍ ଚୁଲି ଲଗେଇ ଚାହା ତିଆରି କରେ। ଦୁଇକପ୍ ଚାହା ଟ୍ରେ'ରେ ନେଇଆସି ଟି'ପୟ ଉପରେ ଥୋଇଦିଏ ଆଉ ପଲଙ୍କ ପାଖକୁ ଯାଇ ରାଜେଶକୁ ହଲେଇ ଦେଇ କହେ- ସାଢ଼େ ସାତ ହେଇଗଲା ଉଠ, ଚାହା ଥଣ୍ଡା ହେଇଯିବ।

ରାଜେଶ୍ ଅଳସ ଛାଡ଼ି ଉଠେ ଆଉ ଅଧୁଆ ମୁହଁରେ ଚାହା ଖାଇଦେଇ ପୁଣି ଶେଯ ଉପରେ ଗଡ଼ିଯାଏ। ବେଳେବେଳେ ରୀନାକୁ ବାଧ କରେ ପାଖରେ ରହି ତାକୁ ସଙ୍ଗସୁଖ ଦେବାପାଇଁ। ମାତ୍ର ରୀନା ଅନେକ ସମୟରେ ଆପତ୍ତି କରେ- ମୁଁ ଯାଇ ରାନ୍ଧିଲେ ସିନା ଖାଇ ଦଶଟାବେଳକୁ ଅଫିସ୍ ଯିବ। ସାରା ରାତିଟା ଚାଲିଗଲା, ପୁଣି ରାତି ଆସୁ।

ରାଜେଶ୍ ରୀନାର ପଣତ କାନି ଧରି ଅଟକେଇବାକୁ ଚେଷ୍ଟା କରେ। ସଫଳ ହୁଏ ବେଳେବେଳେ। ମାତ୍ର ଅନେକ ସମୟରେ ରୀନା ତାକୁ ଫାଙ୍କିଦେଇ ଚାଲିଯାଏ।

ରାଜେଶ୍ କହେ- ଗାଧୁଆଟା ସାରି ନେଇସାରିଲଣି ବୋଧହୁଏ। ସେଇଥିପାଇଁ ନା... ?

ରୀନା କହେ- ସକାଳେ ନ ଗାଧୋଇଲେ ରୋଷେଇଘରକୁ ଯିବାକୁ ଭଲ ଲାଗେନି।





ରାଜେଶ୍ ଆଉ ରୀନାର ତିନିବର୍ଷର ବିବାହିତ ଜୀବନ। ସନ୍ତାନସନ୍ତତି ଏଯାଏ କୋଳକୁ ଆସିନାହାନ୍ତି। ରାଜେଶ୍ ଓ.ଏ.ଏସ୍.। କଲେକ୍ଟରେଟ୍‌ରେ ଇମର୍‌ଜେନ୍‌ସି ଅଫିସର।

ସବୁଦିନ ପରି ଆଜି ଯେତେବେଳେ ରୀନାର ନିଦ ଭାଙ୍ଗିଗଲା, ସେ କାନ୍ଥରେ ଟଙ୍ଗା ହୋଇ ଟିକ୍‌ଟିକ୍ କରୁଥିବା ଘଡ଼ିକୁ ଚାହିଁ ଦେଖିଲା ଛ'ଟା ବାଜିବାକୁ ଯାଉଛି।

ଠଂ ଠଂ ଠଂ... ଘଡ଼ିରେ ଛ'ଥର ବାଜି ଉଠିଲା। ସେଇ ଛ'ଥର ଶବ୍ଦ ରୀନାର ଛାତିରେ ଛ'ଥର ହାତୁଡ଼ି ଆଘାତ କରିଗଲା ଯେମିତି। ମନ ଭିତରେ କେମିତି ଉଦାସିଆଭାବ। ଶୂନ୍ୟତା। କାହିଁକି କେଜାଣି ଆଜି ତା'ର ଉଠିବାକୁ ମନ ହେଲା ନାହିଁ।

ରାଜେଶ୍ କଡ଼ ଲେଉଟାଇବା ବେଳକୁ ତା' ଗୋଡ଼ ହାତ ରୀନା ଉପରେ ଲଦି ହେଇଗଲା। ସେ ନିଦ୍ରାଳୁ କଣ୍ଠରେ ପଚାରିଲା- କେତେଟା ବାଜିଲାଣି ?

ରୀନା ପୁଣି କାନ୍ଥଘଡ଼ିକୁ ଚାହିଁଲା। ଛ'ଟା ବାଜି ପଚିଶ ମିନିଟ୍ ହେଇଗଲାଣି। ରାଜେଶ୍ ପଚାରିଲା- ଚାହା କଲଣି ?

ରୀନା ଉତ୍ତର ଦେଲା- ସାଢ଼େ ସାତ ହେଇନି।

ନ ହେଉ। ଚାହା ଆଣ। ଅଳି କଲା ରାଜେଶ୍।

ଅନିଚ୍ଛା ସତ୍ତ୍ୱେ ରୀନା ଉଠିଗଲା। ବାଥ୍‌ରୁମ୍‌କୁ ନ ଯାଇ ରୋଷେଇଘରକୁ ଯାଇ ଚାହା କରିଆଣି ଦେଲା। ଚାହା କପ୍ ଶେଷ କରିଦେଇ ରାଜେଶ୍ ପୁଣି ଶୋଇପଡ଼ିଲା। ରୀନା ଦାଣ୍ଡ ଦରଜା ଖୋଲି ବାହାର ପିଣ୍ଡାକୁ ଆସିଲା। ଚାହିଁଲା ଦୂରକୁ। ସିଧାସଳଖ ଚାରିଟା କ୍ୱାର୍ଟର ପରେ ପଞ୍ଚମ କ୍ୱାର୍ଟରକୁ। ସେଇ କ୍ୱାର୍ଟର ଆଗର ଆମ୍ବଗଛଟା ଆମ୍ବ ବଉଳରେ ଭର୍ତ୍ତି ହୋଇଯାଇଛି। ଆଉ ଦି'ମାସ ପରେ ଆମ୍ବ ପାଚିବ। ଏମିତି ବି ପାଚିଥିଲା ସେଦିନ।

ସେଦିନ ଥିଲା ଅନ୍ୟ ଏକ ପରିବେଶ। ଏଇ କ୍ୱାର୍ଟର୍‌ର ରୀନା ଥିଲା ଅନୂଢ଼ା କନ୍ୟା। ତା'ର ବାପା ଥିଲେ ଡେପୁଟୀ ମାଜିଷ୍ଟ୍ରେଟ୍। ଆଉ ଏଇ କ୍ୱାର୍ଟର୍ ହିଁ ଥିଲା ତାଙ୍କର ବସତି ତିନିବର୍ଷ ତଳେ। ସେ ବଦଳିଗଲେ ଭବାନୀପାଟଣା ଆଉ ସେଇଠି ରୀନା ସହିତ ରାଜେଶ୍‌ର ହେଲା ବିଭାଘର। ଏଇ ବର୍ଷେ ହେଲା ରାଜେଶ୍ ପୁଣି ଏଇଠିକି ବଦଳି ଆସି ତା' ଶ୍ୱଶୁର ରହୁଥିବା କ୍ୱାର୍ଟରରେ ରହୁଛି।

ରୀନା କହେ- ଏଇ କ୍ୱାର୍ଟରରେ ପାଞ୍ଚବର୍ଷ ଥିଲି। ତେଣୁ ଏଠି ପୁଣି ଆସି ରହିବାରେ ନୂତନତା କିଛି ନାହିଁ।

କହେ ସିନା, କିନ୍ତୁ ମନ କ'ଣ ବୁଝେ ?

ସେଇ ପଞ୍ଚମ କ୍ୱାର୍ଟର୍‌କୁ ଚାହିଁଦେବା ମାତ୍ରେ ସାରା ଦେହ ତା'ର ରୋମାଞ୍ଚିତ ହେଇଉଠେ। ସେଇ ଅତୀତ ଦଂଶନ କରି ବସେ।

ସେଇ ପଞ୍ଚମ କ୍ୱାର୍ଟର୍‌ରେ ରହୁଥିଲେ ଆଉ ଜଣେ ଡେପୁଟୀ ମାଜିଷ୍ଟ୍ରେଟ୍ ହେମନ୍ତ ଦାସ। ରୀନା ବାପାଙ୍କର ସେ ଥିଲେ ଭାରି ଅନ୍ତରଙ୍ଗ। ରୀନା ମେଟ୍ରିକ୍ ପାଶ୍ କଲା ବର୍ଷ ତାଙ୍କ ପୁଅ ବି.ଏ. ପାଶ୍ କରିଥିଲା।

ସୁମନ୍ତ ଦାସ। ସ୍ୱାସ୍ଥ୍ୟ ଥିଲା ତା'ର ଅତୁଟ। ମେଟ୍ରିକୁଲେଶନ୍ ପାଶ୍ କରିଥିବା ଝିଅଟି ବି.ଏ. ପାଶ୍ କରିଥିବା ଯୁବକକୁ ଦେଖି କେମିତି ଲାଜେଇ ଯାଇଥିଲା। ଆଖି ତଳକୁ କରି ନେଇଥିଲା। କିନ୍ତୁ ସେ କେତେଦିନ ?

ବିନା ସମ୍ମାନରେ ବି.ଏ. ପାଶ୍ କରିଥିବାରୁ ସୁମନ୍ତକୁ ଏମ୍.ଏ. ପଢ଼ିବାର ସୁଯୋଗ ଜୁଟିଲା ନାହିଁ। ବାପାଙ୍କ ପାଖରେ ରହି ସେ ଚାକିରିର ଅନ୍ୱେଷଣ କଲା।

ରୀନା ପ୍ରଥମ ବାର୍ଷିକ ଶ୍ରେଣୀର ଛାତ୍ରୀ। ଆଇ.ଏ. ରେ ସୁମନ୍ତର ଯେଉଁଯେଉଁ ବିଷୟ ଥିଲା, ରୀନା ଠିକ୍ ସେଇସବୁ ବିଷୟକୁ ନେଇ ଆଇ.ଏ. ପଢୁଚି। ରୀନା ବେଳେବେଳେ ସୁମନ୍ତକୁ ଲଜିକ୍ ବୁଝେଇ ଦେବାକୁ କୁହେ। ସୁମନ୍ତ ବୁଝାଏ।

ରୀନା କହେ- ଡିଡକ୍‌ଟିଭ୍‌ଟା ସହଜ, ଇନ୍‌ଡକ୍‌ଟିଭ୍‌ଟା ଭାରି ଅଡୁଆ।

ସୁମନ୍ତ ହସେ- କିଛି ଅଡୁଆ ନୁହେଁ। ତୁମେ ବୁଝି ନ ପାରିବାର କାରଣ ଅନ୍ୟମନସ୍କତା।

ସତରେ ରୀନା ଭାରି ଅନ୍ୟମନସ୍କ ରହୁଥିଲା।

ଦି'ମାସ ପରେ ଦେଖାଗଲା, ରୀନା ବୁଝିବାକୁ ଚେଷ୍ଟା କରୁଛି ; କିନ୍ତୁ ସୁମନ୍ତ ଭୀଷଣ ଅନ୍ୟମନସ୍କ। ମୁହଁରେ ଯେମିତି ଆଉ ତା'ର ହସ ନାହିଁ। ସେ ଏକ ଗମ୍ଭୀର ପ୍ରତିମା।

ସେଦିନ କଲେଜ ସ୍ପୋର୍ଟସ ପାଇଁ ବନ୍ଦ ଥାଏ। ଦି' ପହରେ କ୍ୱାର୍ଟରଗୁଡ଼ାକ ଶୂନ୍‌ଶାନ୍। ବାବୁମାନେ କଚେରି ଚାଲିଯିବା ପରେପରେ ଘରଣୀମାନେ ଖାଇପିଇ ଦି'ଘଣ୍ଟା ଘୁଙ୍ଗୁଡ଼ି ମାରିନିଅନ୍ତି।

ସୁମନ୍ତ ପାଚିଲା ଆମ୍ବ ତୋଳୁଥାଏ। ରୀନାକୁ ଦେଖି ଇସାରା ଦେଲା ପାଖକୁ ଯିବାକୁ। ରୀନା ଆମ୍ବଗଛ ତଳେ ଯାଇ ପହଞ୍ଚିଲା। ସୁମନ୍ତ କହିଲା- ଆଜି ବାପା ମୋ' ଉପରେ ଭୀଷଣ ବିରକ୍ତ ହେଇ ଯାଇଛନ୍ତି। କହିଲେ, ମୋତେ ଆଉ ଚାକିରି ମିଳିବ ନାହିଁ। ମୁଁ କୁଆଡ଼େ ହତଭାଗା। ଅଯୋଗ୍ୟ। କ'ଣ କରିବି କିଛି ଠିକ୍ କରିପାରୁନି।

ସୁମନ୍ତ ହୁଏତ ଆଶା କରୁଥିଲା ରୀନା ତାକୁ କିଛି ବାଟ ବତେଇବ। ମାତ୍ର ରୀନା ବା କ'ଣ କହିପାରିବ ? କ'ଣ କରିପାରିବ ?

କିଛି ଉତ୍ତର ନ ଦେଇ ସେ ଚୁପ୍ ରହିଲା।

ସୁମନ୍ତ ପୁଣି କହିଲା- ମୁଁ ଯଦି ଘର ଛାଡ଼ି ଚାଲିଯାଏ, ତୁମେ ମୋ' ସହିତ ଚାଲିଯାଇ ପାରିବ ?

ରୀନା ପଚାରିଲା- କେଉଁଠିକି ?

ସୁମନ୍ତ କହିଲା- ଯେଉଁଠିକି ଦି'ଆଖି, ଦି'ଗୋଡ଼ ନେଇଯିବ।

ରୀନା କିନ୍ତୁ ଦୃଢ଼ ଭାବରେ ଜବାବ ଦେଲା- ନା, ମୁଁ ବାପା, ମା', ଘରଦ୍ୱାର ଛାଡ଼ି କୁଆଡ଼କୁ ଯାଇପାରିବିନି।

ଏତକ କହି ରୀନା ଚାଲିଆସିଲା। କାହିଁକି କେଜାଣି, ଘରେ ଆସି ମନକୁ ମନ କାନ୍ଦିଲା। ପରଦିନ ସକାଳେ ଆସି ଶୁଣିଲା- କାଲି ରାତିରେ ଘର ଛାଡ଼ି ସୁମନ୍ତ କୁଆଡ଼େ ପଳାଇ ଯାଇଛି। ଅନେକ ଖୋଜାଖୋଜି ହେଲା। ଖବରକାଗଜରେ ବିଜ୍ଞାପନ ଦିଆଗଲା, ମାତ୍ର ସୁମନ୍ତର କୌଣସି ଖବର ମିଳିଲା ନାହିଁ।

ଯା'ର ମାସକ ପରେ ରୀନାର ବାପା ଭବାନୀପାଟଣା ବଦଳିଗଲେ। ବର୍ଷକ ପରେ ସୁମନ୍ତର ବାପା ଅବସର ନେଲେ।



"ସୁମନ୍ତ ପାଚିଲା ଆମ୍ବ ତୋଳୁଥାଏ। ରୀନାକୁ ଦେଖି ଇସାରା ଦେଲା ପାଖକୁ ଯିବାକୁ। ରୀନା ଆମ୍ବଗଛ ତଳେ ଯାଇ ପହଞ୍ଚିଲା। ସୁମନ୍ତ କହିଲା- ଆଜି ବାପା ମୋ' ଉପରେ ଭୀଷଣ ବିରକ୍ତ ହେଇ ଯାଇଛନ୍ତି। କହିଲେ, ମୋତେ ଆଉ ଚାକିରି ମିଳିବ ନାହିଁ। ମୁଁ କୁଆଡ଼େ ହତଭାଗା। ଅଯୋଗ୍ୟ। କ'ଣ କରିବି କିଛି ଠିକ୍ କରିପାରୁନି।"

ରୀନାର ଜୀବନରେ ସୁମନ୍ତ ଯେମିତି ଏକ ଭସାମେଘ। କ୍ଷଣେକାଳ ଭାସି ତା'ପରେ ନିଶ୍ଚିହ୍ନ ହେଇଯାଇଛି।

ରୀନା ସେ ସ୍ମୃତିକୁ ଭୁଲି ଯାଇଥିଲା। ସେଇ ସହକାର ତଳର ରୋମାଞ୍ଚ ତାକୁ ଆଉ ବିଚଳିତ କରୁ ନ ଥିଲା। ବିଭା ହୋଇ ଶାନ୍ତିର ନୀଡ଼ ରଚନା କରିଥିଲା।

ରାଜେଶ୍ ପାଖରେ ତା'ର ଅତୀତ ଜୀବନର କୌଣସି ଦୁର୍ବଳତା ଧରାପଡ଼ି ନ ଥିଲା। ଦୁଇଟି କିଶୋର କିଶୋରୀଙ୍କର ଜୀବନ ନୌକା ସମୟ ସାଗରରେ ବେଶ୍ ତ ଭାସିଭାସି ଯାଉଥିଲା। ସୁମନ୍ତ ଜୀବିତ କି ମୃତ ରୀନା ତା'ର କୌଣସି ଖବର ରଖି ନ ଥିଲା। କିନ୍ତୁ ସେଦିନ ହଠାତ୍ ଖବରକାଗଜ ପଢୁପଢୁ ଯେଉଁ ଖବରଟା ତା' ଆଖିରେ ପଡ଼ିଲା, ସେଥିରେ ସେ ଚମକି ଉଠିଲା। ଏ କ'ଣ ସେଇ ସୁମନ୍ତ ଦାସ ! ସେ ଖବରକୁ ସେ ବିଶ୍ୱାସ କରିପାରିଲା ନାହିଁ।

ତା'ର କିଛିଦିନ ପରେ ପୁଣି ପ୍ରକାଶ ପାଇଥିବା ସମ୍ବାଦଟା ତା'ର ସେ ସଂଶୟକୁ ଦୂର କରିଦେଲା।

ବେକାର ଯୁବକ ସୁମନ୍ତ ଦାସ ଦିଲ୍ଲୀର କେରଲବାଗସ୍ଥିତ ଏକ ବ୍ୟାଙ୍କରେ ଡକାୟତି କରିବାକୁ ଯାଇ ବ୍ୟାଙ୍କର ଦରୱାନ୍ ଓ ମେନେଜରଙ୍କୁ ହତ୍ୟା କରିଥିବା ଅପରାଧରେ ଧରାପଡ଼ି ବିଚାରରେ ଫାଶୀ ଦଣ୍ଡାଦେଶ ପାଇଥିଲା। ରାଷ୍ଟ୍ରପତିଙ୍କୁ ତା'ର ଜୀବନ ଭିକ୍ଷା ନାମଞ୍ଜୁର ହୋଇଯାଇଛି। ଆଗାମୀ ସାତ ତାରିଖ ସକାଳ ସାଢ଼େ ସାତଟା ବେଳେ ଦିଲ୍ଲୀର ତିହାର ଜେଲ୍‌ରେ ତାକୁ ଫାଶୀ ଦିଆଯିବ। ପୁଣି ପ୍ରକାଶ ପାଇଛିଯେ, ଏହି ସୁମନ୍ତ ଦାସ ଅବସରପ୍ରାପ୍ତ ଡେପୁଟୀ ମାଜିଷ୍ଟ୍ରେଟ୍ ହେମନ୍ତ ଦାସଙ୍କର ଏକମାତ୍ର ପୁତ୍ର, ଯେ କି ବିଫଳ ପ୍ରେମଜନିତ କାରଣରୁ ଘର ଛାଡ଼ି ଦିଲ୍ଲୀ ପଳାଇ ଆସି ନାନାପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିଲା।

ଆଜି ସେହି ସାତ ତାରିଖ। ସକାଳ ସାତଟା ପଚିଶ୍ ମିନିଟ୍ ବାଜିଗଲାଣି। ରାଜେଶ୍ ଉଠି ରୋଷେଇଘରୁ କିଛି ଠୁକ୍‌ଠାକ୍ ଶବ୍ଦ ନ ଶୁଣି ଏଣେତେଣେ ଚାହିଁ ଘଡ଼ିରେ ଚାବି ଦେଉଦେଉ ବାହାର ବାରଣ୍ଡାକୁ ବାହାରି ଆସିଲା। ରୀନାକୁ ଚୁପ୍‌ଚାପ୍ ସେଇଠି ଠିଆ ହୋଇଥିବାର ଦେଖି ପଚାରିଲା- ଏମିତି ଠିଆ ହୋଇଛଯେ, ଆଜି କ'ଣ କିଛି ରନ୍ଧାରନ୍ଧି ହେବନି କି ?

ରୀନା ଚମକି ପଡ଼ିଲା। ଯେମିତି ସେ ଅପରାଧିନୀ। କହିଲା- ଦେହଟା କେମିତି କେମିତି ଲାଗୁଚି ଯେ... ତୁମେ ବାଥ୍‌ରୁମ୍ ଯିବ ନାହିଁ କି ?

ରାଜେଶ୍ 'ହଁ ଯାଉଛି' କହି ରୀନା ହାତକୁ ଘଡ଼ିଟାକୁ ବଢ଼େଇ ଦେଇ ଭିତରକୁ ଯାଇ ବାଥ୍‌ରୁମ୍‌ରେ ପଶିଗଲା।


## ମଣିଷଖୋଜା

ଗୋରୁଙ୍କର ପାଦଚିହ୍ନ ଅନୁସରି
ମୁଁ ଖୋଜିଲି ମଣିଷ-ବସତି
ପ୍ରତ୍ନତତ୍ତ୍ୱ ଗନ୍ତାଘରେ ଲୁପ୍ତ ଥିବା
ଅନେକ ରହସ୍ୟ ଆଉ ବିସ୍ମୃତ ପାଖୁଡ଼ା
ମୁଁ ଖୋଜିଲି ଚାଲିଚାଲି
ମୋ' ଖୋଜିବା ଶେଷ ହେଲା ନାହିଁ,
ବସତି ପାଇଲି ; କିନ୍ତୁ
ମଣିଷ ତ ଦେଖିଲିନି କାହିଁ!

ସୃଷ୍ଟି ତ ହେଇନି ଶେଷ, ପ୍ରଳୟର
ନାହିଁ ଚିହ୍ନବର୍ଣ୍ଣ
ବିଜ୍ଞାନର ଜୟଯାତ୍ରା, ମଣିଷ ବା
ପାଲଟିଚି ଯନ୍ତ୍ର।
ସୂର୍ଯ୍ୟ ଯଦି ଥାଏ କାହିଁ
ଯଦି ଥା'ନ୍ତି କେଉଁଠି ଈଶ୍ୱର,
ପୃଥିବୀର କ୍ଷେପଣାସ୍ତ୍ର
ତାଙ୍କ ପାଦ ବିଦ୍ଧ କରେ ଯାଇ
ପ୍ରତ୍ୟେକ ମଣିଷ ଆଜି
ବଂଶଧର ଜାରା ଶବରର।

ନାହିଁ ତ ସେ'ଦିନ ଆଜି
ଯେଉଁଦିନ ଦସ୍ୟୁ ରତ୍ନାକର
ନିଜ ଅପରାଧ ପାଇଁ
ପ୍ରାୟଶ୍ଚିତ୍ତ କଲା ପୁଣି
ବାଲ୍ମୀକି ରୂପରେ,
ନାହିଁ ତ ସେ'ଦିନ ଆଜି
ଯେଉଁଦିନ ସ୍ୱର୍ଗରୁ ଓହ୍ଲାଇ ଆସି
ଅବତାରମାନେ
ଆସୁରିକ ସଭ୍ୟତାକୁ ଶେଷ କରି
ଧର୍ମ ସଂସ୍ଥାପନ କଲେ
ଓ
ଭୂ ମାତାର ଭାର କମାଇଲେ।

ସେ'ଦିନ ହଜିଚି
ଆଜି ହାୟ, ପୃଥିବୀର ଚତୁର୍ଦ୍ଦିଗେ
ଆସୁରିକ ସଭ୍ୟତାର ଶିଳାଲିପି
ଏକ ନୁହେଁ ଅସଂଖ୍ୟ ଅଜସ୍ର
ମନୁଷ୍ୟର ବସତିରୁ
ମଣିଷତ୍ୱ ନିଖୋଜ ଫେରାର୍
କିଏ ଜାଣେ ତା' ଫେରିବା
ଲାଗିବ ବା କେତେ ସହସ୍ର ବର୍ଷ ?



ଗଳ୍ପ

# ପ୍ରଜାପତିର ଡେଣା

ପ୍ରତାପ ବିଶ୍ୱାଳ

ଏଇ କିଛି ଦିନ ହେଲା କିଛି ଲେଖି ନ ଥିଲି। ମନକୁ ଆସୁ ନ ଥିଲା କିଛି। କିଛି ଗୋଟାଏ ଲେଖିବି ବୋଲି ଚେୟାରରେ ବସି ସ୍ତ୍ରୀଙ୍କୁ କହିଲି ଚା କପ୍‌ଟାଏ ଦେବ କି ? କିଛି ଉତ୍ତରକୁ ଅପେକ୍ଷା ନ କରି ଟେବୁଲ ଉପରେ ଥିବା କାଗଜକୁ ସଜାଡୁ ସଜାଡୁ ଚିନ୍ତା କରୁଥିଲି। କିନ୍ତୁ ମନକୁ କିଛି ଆସୁ ନ ଥିଲା।

ଏହି ସମୟରେ ସ୍ତ୍ରୀ ଆଣି ଚା କପ୍‌ଟାକୁ ଧରାଇ ଦେଲାବେଳେ ମୁଁ ଦେଖିଲି ଝର୍କା ବାଟ ଦେଇ କେଉଁଠୁ ଗୋଟାଏ ପ୍ରଜାପତି ଆସି ବସିଗଲା କାଗଜ ଉପରେ। ଚିତ୍ରିତ। ମନଲୋଭା ରୂପକାନ୍ତି।

ସ୍ତ୍ରୀ କହିଲେ : ଏ ! ପ୍ରଜାପତି ଆସି କାଗଜ ଉପରେ ବସିଲାଣି। ହଳଦୀ ଗୁରୁଗୁରୁ ଡେଣା ଉପରେ କଳାକଳା ଟୋପା। ଆଜି ଯାହା ଲେଖିବ ନିଶ୍ଚୟ ସୁନ୍ଦର ହେବ।

ମୋ' ମୁଣ୍ଡରେ କିଛି ପଶୁ ନ ଥିଲା। ହଠାତ୍ ମନକୁ ଆସିଲା ପ୍ରଜାପତି ଉପରେ କିଛି ଲେଖିଲେ କେମିତି ହୁଅନ୍ତା ! କିନ୍ତୁ କ'ଣ ବା ଲେଖିହେବ ପ୍ରଜାପତିକୁ ନେଇ ! ସ୍ତ୍ରୀଙ୍କୁ ଖାଲି ଚା କପ୍‌ଟା ବଢ଼ାଇଦେଲି। ସେ ଚାଲିଗଲା ପରେ ଟେବୁଲ ଉପରକୁ ଚାହିଁଲି। ପ୍ରଜାପତିଟି ସେମିତି ଧ୍ୟାନମଗ୍ନ ଋଷିଟିଏ ପରି ବସିଛି। କ'ଣ ଲେଖା ଯାଇପାରିବ ଏ ସୁନ୍ଦର ପ୍ରଜାପତିଟି ଉପରେ ? ଚେୟାର ଉପରେ ବେକକୁ ପଛ କରି ଆଖି ବୁଜିଦେଇ ଭାବୁଛି, ଖପ୍ କରି ଗୋଟାଏ ଶବ୍ଦ ହେଲା। ଆଖି ଖୋଲି ଦେଖେ ତ ମୋ' ସାନପୁଅ ପ୍ରଜାପତିଟାକୁ ତା' ଡାହାଣ ହାତ ପାପୁଲି ଭିତରେ କାଗଜ ଉପରେ ଚାପି ଧରିଛି। କହୁଛି: ବାପା ! ପ୍ରଜାପତି... ପ୍ରଜାପତି...।

ମୁଁ ହଠାତ୍ ବେକ ସିଧା କରି ବିରକ୍ତ ହୋଇ କହିଲି: ଛାଡ୍ ତାକୁ। ନ ହେଲେ ସେ ମରିଯିବ।

ସେ ମୋ' ପାଟିରେ ଭୟଭୀତ ହୋଇ ପ୍ରଜାପତି ଉପରୁ ତା' ପାପୁଲିଟାକୁ କାଢ଼ି ଦେଲା। କିନ୍ତୁ ପ୍ରଜାପତିର ଗୋଟିଏ ପାଖ ଡେଣା ଛିଡ଼ି ଯାଇଥିଲା। ସେ ଉଡ଼ିବାକୁ ଚେଷ୍ଟା କରି ମଧ୍ୟ ଉଡ଼ି ପାରୁ ନ ଥିଲା। କାଗଜ ଉପରେ କିଛିଟା ଦାଗ। ମୁଁ ନିରୀକ୍ଷଣ କରୁଥିଲି ପ୍ରଜାପତିକୁ। ମୋତେ ଲାଗୁଥିଲା ତା' ଆଖି ଦୁଇଟାକୁ ଢିମାଢିମା କରି ସେ ମୋତେ ଚାହିଁଛି। ତା' ଚାହାଣି ମୋତେ ବଡ଼ ବ୍ୟଥିତ କରୁଛି। ସେ ଉଠି ଉଡ଼ିବାକୁ ଚେଷ୍ଟା କରି ବି ଉଡ଼ି ପାରୁ ନ ଥିଲା। ପୁଅ ମୋ' ପାଟିକୁ ଭୟକରି ସେଠୁ ପଳାଇ ଯାଇଥିଲା।


ଏହି ସମୟରେ ସ୍ତ୍ରୀଙ୍କର ଏକପ୍ରକାର ଚିତ୍କାର ଶୁଭିଲା: ଶୁଣୁଚୁ। ଶୀଘ୍ରଆସ। ବାବୁନାର (ବଡ଼ପୁଅ) ଟିଉସନ ଗଲାବେଳେ କେଉଁଠି ଆକ୍ସିଡେଣ୍ଟ ହୋଇଛି। ମେଡିକାଲରୁ ଫୋନ୍ ଆସିଛି। ଶୀଘ୍ର ଆସ।

ମୁଁ ଥରେ ପ୍ରଜାପତିକୁ ଚାହିଁଲି। ପ୍ରଜାପତିଟି ସେମିତି କାଗଜ ଉପରେ ଦରମଲା ହୋଇ ପଡ଼ିଛି। ମୁଁ କିନ୍ତୁ ଉଠି ଚାଲିଲି।

ମେଡିକାଲରେ ପହଞ୍ଚି ଦେଖେତ ପୁଅର ଆଣ୍ଠୁ ଗଣ୍ଠି ଛିଡ଼ିଯାଇଛି। ବାମହାତ ଭାଙ୍ଗିଯାଇଛି। ଶାର୍ଟ ପ୍ୟାଣ୍ଟ କହୁଣି, ଆଣ୍ଠୁ ପାଖରେ ଫାଟିଯାଇଛି। ମେଡିକାଲରେ ପ୍ରାୟ ତିନିଘଣ୍ଟା ରହିବାକୁ ପଡ଼ିଲା। ଇଞ୍ଜେକ୍ସନ, ଟିଟାନସ୍, ବ୍ୟାଣ୍ଡେଜ୍ କରି ଫେରୁଫେରୁ ପ୍ରାୟ ଦିନ ବାରଟା।

ଘରକୁ ଆସି ଟେବୁଲ ଉପରକୁ ଚାହେଁତ ପ୍ରଜାପତିଟି ସେଠି ନାହିଁ। ପଡ଼ିଛି ତା'ର ଗୋଟାଏ ରଙ୍ଗିନ୍ ଡେଣା। ଟେବୁଲ ଉପରେ କିଛି ଦୂରରେ ପଡ଼ିଛି ପ୍ରଜାପତିଟାର ଶବ। ଧାରେ ପିମ୍ପୁଡ଼ି ଲାଗିଛନ୍ତି ପ୍ରଜାପତିର ଶବରେ। କିନ୍ତୁ ଆଖି ଦୁଇଟା ସେମିତି ତା'ର ଅକ୍ଷତ ଅଛି। ଗୋଟାଏ ରହସ୍ୟଭରା ଚାହାଣିରେ ସେ ଯେମିତି ମୋତେ ଚାହିଁ କହୁଛି: କ'ଣ ଲେଖିବୁ ଲେଖେ।

ଟେବୁଲ ଉପରେ ଖୋଲା ପଡ଼ିଥିବା କଲମରୁ ଝର୍କାବାଟ ଦେଇ ଖରାପଡ଼ି ସ୍ୟାହି କିଛି ବାହାରି କାଗଜ ଉପରେ ଗୋଟିଏ ଛୋଟିଆ ହୃତ୍‌ପିଣ୍ଡର ଚିତ୍ର ହେଲାପରି ହୋଇଯାଇଛି।



ମୁଁ ପୁଣି ବସିପଡ଼ିଲି ସେଇ ଚିତ୍ରକୁ ଚାହିଁ। ମୋ' ଆଗରେ ସେ ହୃତ୍‌ପିଣ୍ଡ ପାଖରେ ପ୍ରଜାପତିଟିର ଭଙ୍ଗା ଡେଣା। କିଛି ଦୂରରେ ସେ ମଲା ପ୍ରଜାପତିର ଆଖି ଦୁଇଟି ମୋତେ ଡବଡବ କରି ଚାହିଁଥିଲା। ଯେମିତି କହୁଥିଲା: ଲେଖ୍, କ'ଣ ଲେଖିବୁ ମୁଁ ଥରେ ଦେଖିବି। ମୁଁ କିନ୍ତୁ ପାରୁ ନ ଥିଲି। କଲମ ଧରି ପାରୁ ନ ଥିଲି କିମ୍ବା ସେଇ ସ୍ୟାହିଇଡ଼ା କାଗଜକୁ ବଦଳାଇ ପାରୁ ନ ଥିଲି ଟେବୁଲ ଉପରୁ। ମୋତେ ଲାଗୁଥିଲା ଯେମିତି ମୋ' ହୃତ୍‌ପିଣ୍ଡକୁ ପିମ୍ପୁଡ଼ି ଧାରଟିଏ ଟାଣିଟାଣି ନେଇଯାଉଛନ୍ତି। ମୋ' ହାତ ଅବଶ ହୋଇଯାଉଛି। ମୁଁ କଲମ ଧରି ପାରୁନି।

ସତରେ କ'ଣ ସେ ପ୍ରଜାପତି ସହିତ ମୋର ସମ୍ପର୍କ ! ମୁଁ ନିଜକୁ ନିଜେ ବି ବୁଝିପାରୁ ନାହିଁ।

– ମାର୍କଫେଡ୍, ବାରିପଦା, ମୟୂରଭଞ୍ଜ

# ପୁନଶ୍ଚ ପଦ୍ମଗନ୍ଧା

ସ୍ୱାଗତିକା ନାୟକ

ଏଇ ଚା ନିଅ ! ସେ ମୋତେ ଦେଖି ହସିଦେଲେ। ଖୁବ୍ ନିଆରା ସେ ହସ। ବୋଧହୁଏ ଦୀର୍ଘ କୋଡ଼ିଏ ବର୍ଷ ପରେ ହସୁଥିଲେ ମୋତେ ଦେଖି। ଆଶ୍ଚର୍ଯ୍ୟରେ ପଚାରିଲି– କ'ଣ ହେଲା ?

: ବହୁତ କିଛି। ସେ କହିଲେ।

: ବହୁତ କିଛି ମାନେ ? ପଚାରିଲି ମୁଁ।

: ଭାରି ଇଚ୍ଛାହେଉଛି... କହି ଅଟକି ଗଲେ ସେ।

ମୁଁ ଟିକେ ଡରିଗଲି। ଏଇ କିଛି ବର୍ଷ ହେଲା ସେ ଗୁମ୍‌ସୁମ୍ ହେଇଯାଇଛନ୍ତି, ଯଦିଓ ତାଙ୍କ ହସ ମୋ' ପାଇଁ ଶୁଭ ସୂଚନା ଥିଲା। ତାଙ୍କର ସମସ୍ତ ଇଚ୍ଛା ପୂରଣ କରିବାକୁ ମୁଁ ପ୍ରତିଜ୍ଞା କରିଥିଲି। ପଚାରିଲି କ'ଣ ତୁମର ଇଚ୍ଛା ହେଉଛି କୁହ ମୁଁ ନିଶ୍ଚୟ ପୂରଣ କରିବି ।

: ସତ କହୁଚ !

: ହଁ ତମ ପାଇଁ ମୁଁ କିଛି ବି କରିପାରେ, ଥରେ କହିକି ଦେଖ !

: ତେବେ ତମେ ମୋ' ପାଇଁ ପଦ୍ମଗନ୍ଧା ହେଇଯାଅ– ସେ କହିଲେ।

: ସତେକି ଖସିପଡ଼ିବି ମୁଁ ଆକାଶରୁ। ଆଶ୍ଚର୍ଯ୍ୟରେ ଚାହିଁଲି ତାଙ୍କୁ।

: ଏମିତି କ'ଣ ଦେଖୁଚ ?– ସେ କହିଲେ।

: ତ...ମ ଦେହ ଭଲ ଅଛି !

**"ଫୋନ୍ କରୁକରୁ ଫୋନ୍ ଛଡ଼ାଇ ନେଇ କହିଲେ- ଲୁଇଶ୍ ମୋ' ପାଖରେ ବସ। ମୋତେ ଆଦରରେ ସେ ଲୁଇଶ୍ ଡାକନ୍ତି। ଏଇ ଡାକ ପଦକ ଶୁଣିବାକୁ ଅନେକ ଦିନ ହେବ ଚାହିଁ ବସିଥିଲି।"**



: କାହିଁ ମୋର କ'ଣ ହେଇଛି କି !

କ'ଣ ଯାଡୁସ୍ୟାଡୁ କହୁଚ ! ଦେଖ ମୁଁ ଡକ୍ଟରଙ୍କୁ ଫୋନ୍ କରି ଡକେଇ ଦେଉଛି। ଫୋନ୍ କରୁକରୁ ଫୋନ୍ ଛଡ଼ାଇ ନେଇ କହିଲେ– ଲୁଇଶ୍ ମୋ' ପାଖରେ ବସ। ମୋତେ ଆଦରରେ ସେ ଲୁଇଶ୍ ଡାକନ୍ତି। ଏଇ ଡାକ ପଦକ ଶୁଣିବାକୁ ଅନେକ ଦିନ ହେବ ଚାହିଁ ବସିଥିଲି। ସେ ମୋ' ହାତ ଧରି ପାଖରେ ବସେଇ କହିଲେ :

ତମକୁ ଏ ଦୁନିଆର ସବୁ ଖୁସି ଦେବାକୁ ମୋ' ପାଖକୁ ଆଣିଥିଲି, ହେଲେ ଦୁଃଖ ଛଡ଼ା ତମକୁ ଦେଲି କ'ଣ ? ସେମିତି କୁହନି, ତମେ ମୋତେ ବହୁତ କିଛି ଦେଇଚ– ମୁଁ କହିଲି।

: କିଛି ବି ତ ଦେଇପାରିନି– ଏଇ ଗୋଟେ ଅବସୋସ ନେଇ ମୁଁ...

ସେ କିଛି କହିବା ଆଗରୁ ମୁଁ ତାଙ୍କ ପାଟିରେ ହାତ ଦେଇ କହିଲି...

ତମେ ମୋତେ ଯାହା ଦେଇଛ ସେଥିରେ ମୋ' ନାରୀ ଜୀବନ ସାର୍ଥକ ହେଇଛି।

: ଲୁଇଶ୍ !

: ଅବସୋସ କହି ମୋତେ କଷ୍ଟ ଦିଅନି !

: ସତ କହୁଚ ଲୁଇଶ୍ !

: ହଁ, ତମେ ମୋ' ପାଖରେ ଥିଲେ ଦୁଃଖ ବୋଲି କିଛି ନ ଥାଏ। ପିଲାମାନେ ଯିଏ ଯାହା ବାଟରେ ଛାଡ଼ିକି ଗଲେ, ଟିକେ ବି କଷ୍ଟ ହେଇନି କାହିଁକି ଜାଣିଛ ! ତମେ ମୋ' ପାଖରେ ଅଛ। ତମେ ମୋ' ବଞ୍ଚିବାର ଆୟୁଧ। ତମେ ଚୁପ ହେଇଗଲ ଯେ ! କିଛି କହିବନି– ମୁଁ ପଚାରିଲି।

: ଭାବୁଥିଲି... ସେ କହିଲେ।

: କ'ଣ ?

: ତପନ ଆଉ ପଦ୍ମଗନ୍ଧା ପୁଣିଥରେ ପ୍ରେମରେ ପଡ଼ିବେ।

: ଧେତ୍ ! ନା ସବୁବେଳେ ସେମିତି।

: କୁହନା ତମ ତପନ ପାଇଁ ତମେ ଆଉଥରେ ପଦ୍ମଗନ୍ଧା ହେବନା !– ସେ ପଚାରିଲେ।

: ତମ ପାଇଁ କେବଳ ଏ ଜନ୍ମ କ'ଣ ସବୁ ଜନ୍ମରେ ମୁଁ ପଦ୍ମଗନ୍ଧା ହେବାକୁ ଚାହେଁ।

ତେବେ ତମେ ଟିକେ ଆଖି ବନ୍ଦକର– ସେ କହିଲେ। ମୁଁ ଆଖି ବନ୍ଦ କଲି। ସେ କିଛି ଗୋଟେ ମୋ' ଗଭାରେ ଖୋସିବାର ଅନୁଭବ କଲି। ଏବେ ଆଖି ଖୋଲ। ମୋ' ସାମ୍ନାରେ ଦର୍ପଣ ! ଏ କ'ଣ, ସେ ମୋ' ଗଭାରେ ପଦ୍ମଟିଏ ଖୋସି ଦେଇଛନ୍ତି। ଲୋଟି ପଡ଼ିଲି ତାଙ୍କ ଛାତିରେ ଆଉ ଅନୁଭବ କଲି ମୁଁ ପୁନଶ୍ଚ ପଦ୍ମଗନ୍ଧା ପାଲଟି ଯାଇଛି...।

– କମଳାଦେଇପୁର, ନୂଆପଡ଼ା, ନରସିଂହପୁର, କଟକ

# କବିତା



## ଶବ୍ଦଖୋଜା

### ରାଜେଶ କୁମାର ମୁଣ୍ଡ

**ଶ**ବ୍ଦଙ୍କ ସହରେ ଦିଗହରା ବାଟୋଇଟେ ମୁଁ
ମନକୁ ଏକାଗ୍ର ରଖି
ଖୋଲିଦେଇଛି ହୃଦୟ
ଚାତକ ପରି ଅନାଇ ରହିଛି
କାଳେ ଶବ୍ଦର କେଉଁ ମାଳାଟେ
ଖସିପଡ଼ିବ ମୋ' ଗଳାରେ...

ବ୍ୟାଧ ଜାଲ ପକେଇଲା ପରି
ମୁଁ ବି ପକେଇଛି ଅଦୃଶ୍ୟ ଜାଲଟେ
ଘୂରି ବୁଲୁଛି ଅନେକ ରାସ୍ତା,
ନଈ, ବିଲ, ପାହାଡ଼, ଝରଣା
ଶବ୍ଦଙ୍କ ଅନ୍ୱେଷଣରେ ।

କେତେ ଆଷାଢ଼ ଶ୍ରାବଣ
ଧୋଇଗଲେଣି ଫଗୁଣର ସାମ୍ରାଜ୍ୟ
ରାତିରେ ଦପ୍‌ଦପୁଥିବା ସେଇ କ୍ଷୁଦ୍ର ତାରାଟି
ଉଡ଼ିଗଲାଣି ଗଛରୁ ଗଛ ।
ମୁଁ କିନ୍ତୁ ସେମିତି
ନୀରବରେ ଚାହିଁ ରହିଛି ଶୂନ୍ୟତାକୁ,
କାଳେ ଅଜଣା ସ୍ୱପ୍ନଙ୍କ ଉହାଡୁ
କସ୍ତୁରୀ ମୃଗ ହୋଇ ଧାଇଁ ଆସିବେ ସବୁ ଶବ୍ଦ
ମୋ' କଲମ ମୁନକୁ ।
- ଧର୍ମଗଡ଼ ସାହିତ୍ୟ ସଂସଦ, ଧର୍ମଗଡ଼, କଳାହାଣ୍ଡି

## ଆମ ଗାଁ

### ସୁଧୀର କୁମାର ଦାସ

**ଗାଁ** ପୋଖରୀ, କାଉ ଆଖି ପରି
ପାତଳ ଜଳ, ପାଖରେ ଶିବ ମନ୍ଦିର
ଗାଁ ମୁଣ୍ଡକୁ ଠାକୁରାଣୀ ମା' ଖଣ୍ଡୁଆଳ,
ଆମ ଘରକୁ ଲାଗି ରାଧାକାନ୍ତ ମଠ
ମଠ ଭିତରେ ମଉଛବ, ଆଉ ଈଶ୍ୱର ।।

ଆମ ସାହି ପାରିହେଲେ ବ୍ରାହ୍ମଣ ସାହି
ରଘୁ ଭାଇନା, ଉଦି ଭାଇନାଙ୍କ ଘର
ରଘୁ ଭାଇନା ସ୍କୁଲ ମାଷ୍ଟର, ମାଷ୍ଟର ନେତା
ଏବେ ତାଙ୍କ ଅବସର...
ଉଦି ଭାଇନା ପୂଜାପାଠରେ ମାହିର୍
ରଘୁ ଭାଇନା ମୋ'ଠୁଁ ବଡ଼, ନମସ୍ୟ
ଦି' ଭାଇନାଙ୍କୁ ଦଣ୍ଡବତ ।।

ଗାଁର ଅନତି ଦୂରେ
କାଳ ପ୍ରସିଦ୍ଧ ବରୁଣେଇ
ବରୁଣେଇରୁ ଗଡ଼ିଲେ ଗାଁ,
ଗାଁ ସେପଟେ ଦୟା ନଈ ।।

ଏଠି ପୂରି ରହିଛି ଭାଇଚାରା, ନିଃସର୍ଗ...
ଏଠି ଜନ୍ମ ହେଇ
ଧନ୍ୟ ହେଇଛି ମୋ' ଜୀବନ ।
- ତରାବୋଇ, ଜଟଣୀ, ଖୋର୍ଦ୍ଧା

## ସଡ଼କରେ ଚାଷୀ

### ଭରତ ବେହେରା

**କେ**ତେ ଦିନ ସହିଥା'ନ୍ତା
ନିଃଶବ୍ଦରେ ରହିଥା'ନ୍ତା
କରଜ କଳନ୍ତରର
ନିବୁଜ ମୁହଁରେ ?
ଏବେ ଥୁଣ୍ଟା ଡାଳରେ
କଅଁଳିଲାଣି ପତ୍ର
କଙ୍କାଳ ଦେହରେ
ସଞ୍ଚରିଲାଣି ଆଶା ।
ମଳିମୁଣ୍ଡିଆଙ୍କ ପାଇଁ
ହରା, ଜିତା, କ୍ଷତ, କ୍ଷତି
ଲୁହ ଲହୁ, ଜୀବନ ମରଣ
ସବୁ ଏକା ପରି ।।

ବଦଳିଛି ବେଳ, ବଦଳିଛି
ସେମାନଙ୍କ ମାନସିକ ସ୍ଥିତି
ଭୌଗୋଳିକ ସୀମା ଚାରିପାଖ ।
ସେମାନେ ମନସ୍ଥ କଲେଣି
ଅଟକେଇବେ ଗାଡ଼ି ମୋଟର ରେଳ
ବନ୍ଦ କରିବେ ଷ୍ଟେଶନ ଟର୍ମିନାଲ
ସାମ୍ନା କରିବେ ଲାଠି, ଗ୍ୟାସ୍, ଗୁଳି
ବରଂ ଟଳିପଡ଼ନ୍ତୁ ଶୋଷଣର ବନ୍ଧୁକ ନଳୀରେ ।।

କ'ଣ ଚାହେଁ ଅନ୍ନଦାତ୍ରୀ ଅନ୍ନଦାତା
ଶସ୍ୟର ସମୁଚିତ ଦର, ଶୀତଳ ଭଣ୍ଡାର
ନା, ଆଉ କିଛି ଫସଲ ବର୍ଦ୍ଧକ
ମୁକ୍ତ ପ୍ରୋତ୍ସାହନ !!
- ଏମ୍‌ଆଇଜି-୨୨, ଜିଏସ୍ ନଗର,
ଜଗତପୁର, କଟକ



## କାମିକା ଲୋକଟା କି ଜାଣେ!

### ବିଦ୍ୟୁତ୍ ପ୍ରଭା ଗନ୍ତାୟତ

**କା**ମିକା ଲୋକଟା କି ଜାଣେ
କେତେବେଳେ ସରକାର ବଦଳିଲା
କୋଉ ନୂଆ ସରକାର ଆସିଲା
କୋଉ ନୂଆ ମନ୍ତ୍ରୀ, ନେତାମାନେ
କି କି ସପନ ବାଣ୍ଟିଲେ ।

କାମିକା ଲୋକଟା କି ଜାଣେ
କେତେବେଳେ ତା' ସାତପୁରୁଷର ହକ୍
ମିଛ ଦସ୍ତାବେଜ୍‌ର
ସନ୍ତକରେ ହଜିଗଲା
ତା' ଟିପଚିହ୍ନ ତା' ପାଦଚିହ୍ନକୁ
ତା' ଭିଟାମାଟିରୁ ପୋଛିଦେଲା ।

କାମିକା ଲୋକଟା କି ଜାଣେ
କାଗଜଟା କେମିତି ପଇସା ହୋଇଯାଏ
ଆଉ ପଇସାଟା କାଗଜ
କେତେ ଖଣି ଖୋଳା ହେଲେ
କେତେ ତମ୍ବା କେତେ ଲୁହା ମିଳେ ?

କାମିକା ଲୋକଟା
କେବଳ ଏତିକି ଜାଣେ
କ୍ଷେତରୁ ଖଣି ଖାଦାନ
ତା'ରି ଝାଳରେ ଉଷର ହୁଏ
ଆକାଶ ପାଣି ପବନ ଆଶିଷ ଢାଳିଲେ
ଓରିମାନର ଧାନ ଗଜା ହୁଏ ।
- ଷ୍ଟେଶନ ବଜାର, ଭୁବନେଶ୍ୱର

ଗୀତି କବିତା

## ମନା ନାହିଁ

### ରତ୍ନପ୍ରଭା ବାଇ

**ମ**ନ ଛୁଇଁବାକୁ ମନା ନାହିଁ ହେଲେ
ଦେହ ଛୁଇଁବାକୁ ମନା
ପ୍ରୀତି ରଙ୍ଗେ ଯଦି ରଚାଇ ପାରୁନ
ସିନ୍ଦୂରରେ ସଜାଅନା ।।

ବିଭୋର ବେଳାରେ ବୟସ ଫୁଲରେ
ବସିବାକୁ ମନା ନାହିଁ
ଉଡ଼ିଯିବ ଯଦି ଓଠ ପାଖୁଡ଼ାରୁ
ଗୋପନରେ ମଧୁ ପିଇ
ଏମିତି ସମ୍ପର୍କ ଯୋଡ଼ିବାକୁ ଜମା
ତମେ ମନ ବଳାଅନା ।।

ବେଶୀ ନୁହେଁ ଯଦି ବିନ୍ଦୁଏ ବିଶ୍ୱାସ
ଜୋଛନା ପାରୁନ ଦେଇ
ମୋ' ଆଶା ଆକାଶେ ଉଇଁ ଆସ ନାହିଁ
ମଲା ଜହ୍ନଟିଏ ହୋଇ
ଏମିତି ଅନ୍ଧାରେ ଅଛି ମୁଁ ଭଲରେ
ଏକୁଟିଆ ସାଥୀ ବିନା ।।
- ବଉଳ ଛକ, ତାଳଚେର ଟାଉନ୍, ଅନୁଗୋଳ



ନିର୍ଭୟ କୁମାର ପାଣି

# ମୋ' ପ୍ରଥମ କବିତାର ଛପା ପୃଷ୍ଠା ଆଜି ବି ଦିଶିଯାଏ...

**ନିର୍ଭୟ କୁମାର ପାଣିଙ୍କ ଜନ୍ମ ୧୯୫୫ରେ, ଅବିଭକ୍ତ ଢେଙ୍କାନାଳ (ଏବେ ଅନୁଗୋଳ) ଜିଲା ତାଳଚେରର ବିଜିଗୋଳ ଗାଁରେ। ୧୯୭୩ରେ 'ମୀନା ବଜାର' ବିଷୁବ ପୁରସ୍କାର ଓ 'ମନ ପବନ' ଶ୍ରେଷ୍ଠ ଶିଶୁଲେଖକ ସମ୍ମାନରେ ସମ୍ମାନିତ। 'ପୁଅ ରଖିଲା ମହତ', 'ଚନ୍ଦାମୁଣ୍ଡିଆ ଭୂତ', 'ମାଆ ଏକା ନିଜର', 'ମନ୍ଦ କାମକୁ ଦୂରୁ ଜୁହାର', 'ସାବାସ୍ ଲିଟୁ', 'ସପନାର ସପନ', 'ସରଗର ଫୁଲ ଆମେ କିଏ ଆମ ତୁଲରେ' ଆଦି ଶିଶୁ ପୁସ୍ତକର ରଚୟିତା ନିର୍ଭୟ 'ମିନିଗଳ୍ପ' ରଚନାରେ ବି ଜାହିର୍ କରିଛନ୍ତି ନିଜ ପରିଚୟ।**




ପାହାଡ଼ ପର୍ବତ ଓ ନଦୀନାଳଘେରା ବିଜିଗୋଳ ଭଳି ମଫସଲ ଗାଁରେ ଜନ୍ମ ହୋଇଥିଲି। ପିଲାବେଳେ ରୁଗ୍ଣ ଥିବାରୁ ବିଳମ୍ବରେ ପାଠ ପଢ଼ିଲି। ପ୍ରତି ଶ୍ରେଣୀରେ ପ୍ରଥମ ହେଉଥିଲି। ମୁଁ ଯେତେବେଳେ ବିଜିଗୋଳ ମାଇନର ସ୍କୁଲ୍‌ରେ ପଢୁଥିଲି, ସେତେବେଳେ ବହୁ ଶିଶୁ ପତ୍ରପତ୍ରିକା ସ୍କୁଲ୍ ପାଠାଗାର ପାଇଁ ଆସୁଥିଲା। ମୁଁ ପାଠ ସହ ସେ ସବୁକୁ ମନଦେଇ ନିୟମିତ ପଢୁଥିଲି। ବିଶେଷକରି ''ମୋ' ଦେଶ'' ଶିଶୁପତ୍ରିକା (ଜାତୀୟ କବି ବୀରକିଶୋର ଦାସ ସମ୍ପାଦିତ) ନିୟମିତ ପଢୁଥିଲି।

ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସୁବୁଦ୍ଧିଙ୍କ ପରାମର୍ଶକ୍ରମେ ବିଭିନ୍ନ ପତ୍ର ପତ୍ରିକାକୁ ଲେଖା ପଠାଇଲି। କିନ୍ତୁ ମୋ' ଲେଖା କୋଉଥିରେ ପ୍ରକାଶ ପାଇଲା ନାହିଁ। ଦିନେ ''ମାତୃଭୂମି'' 'କିଶୋର ଫଉଜ' ପୃଷ୍ଠାରେ ମୋ' କବିତା ''ବାପୁଙ୍କ ଅମରବାଣୀ'' ପ୍ରକାଶିତ ହେଲା। ଲେଖାଲେଖି ପାଇଁ ପାଠ ପଢ଼ାର ବାଟ ହୁଡ଼ିଗଲି। କଣିହାଁ ପବିତ୍ର ମୋହନ ହାଇସ୍କୁଲରେ ପଢୁଥିବାବେଳେ ମୋ' ରଚିତ ଅନେକ କବିତା ଓଡ଼ିଶାର ବହୁ ପ୍ରତିଷ୍ଠିତ ଶିଶୁ ପତ୍ରିକାର ପୃଷ୍ଠାମଣ୍ଡନ କଲା। ସାହିତ୍ୟରେ ମନ ଦେବାରୁ ପାଠପଢ଼ା ଖଇଚା ହେଲା ଓ ମୁଁ ମାଟ୍ରିକ୍‌ରେ ଫେଲ୍ ହେଲି। ତଥାପି ବି ପଛକୁ ଲେଉଟିଲି ନାହିଁ। ପରେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇ ପାସ୍ କରିବା ପରେ ତାଳଚେର କଲେଜରୁ ସ୍ନାତକ ଡିଗ୍ରୀ ହାସଲ କଲି। ବଡ଼ ଚାକିରି କରିଥିଲେ ଯେତିକି ସମ୍ମାନିତ ହୋଇଥା'ନ୍ତି, ତା'ଠାରୁ ଢେର୍ ଅଧିକ ସମ୍ମାନ ଓ ସାମାଜିକ ସ୍ୱୀକୃତି ମିଳିଛି ଏଇ ଲେଖାଲେଖିରୁ। ଆଜି ବି ପରିଣତ ବୟସରେ ପିଲାଙ୍କ ବ୍ୟକ୍ତିତ୍ୱ ଗଠନ ପାଇଁ ଉପାଦେୟ ଗଳ୍ପ କବିତାମାନ ଲେଖିଚାଲିଛି। ଆଜି, ଏଇଠୁ ଫେରି ଚାହିଁଲେ 'କିଶୋର ଫଉଜ' ସେଇ ପୁରୁଣା ପୃଷ୍ଠା ଦିଶିଯାଉଛି, ଯେଉଁ ପୃଷ୍ଠାରେ ଦିନେ ଛପା ଯାଇଥିଲା ମୋର ପ୍ରଥମ କବିତା 'ବାପୁଙ୍କ ଅମରବାଣୀ'।

# ପୁସ୍ତକ ପରିଚୟ



## ହିରଣ୍ମୟ


**ସଙ୍କଳନ ଓ ସମ୍ପାଦନା:** ଶାନ୍ତିଲତା ପ୍ରଧାନ
**ପ୍ରକାଶକ:** ପଥିକ ପ୍ରକାଶନୀ, ଭୁବନେଶ୍ୱର-୨୫
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ. ୩୨୦/-




ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦେହାବଶେଷ ଓଡ଼ିଶାର ଯେଉଁସବୁ ପ୍ରମୁଖ ସ୍ଥାନରେ ସଂସ୍ଥାପିତ ହୋଇଛି, ସେ ସବୁ ସ୍ଥାନ ଓ ଦେହାବଶେଷ ସ୍ଥାପନର ଜଣାଅଜଣା ନେପଥ୍ୟକୁ ନେଇ ଶାନ୍ତିଲତା 'ହିରଣ୍ମୟ' ଶୀର୍ଷକରେ ଏ ଗ୍ରନ୍ଥଟିକୁ ସମ୍ପାଦନା କରିଛନ୍ତି। ଏହା 'ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ-ସ୍ମାରକ ପୀଠ'ର ପ୍ରଥମ ଭାଗ। ଏଥିରେ ୫୬ଟି ଦେହାଂଶ ପ୍ରତିଷ୍ଠା କେନ୍ଦ୍ରର ବିବରଣୀ ସ୍ଥାନିତ। ଡ. ଅର୍ଚ୍ଚନା ନାୟକ ଲେଖିଛନ୍ତି: ''ଶ୍ରୀତନୁ ସ୍ମାରକ ପୀଠଗୁଡ଼ିକର ରହିଛି ବିଶେଷ ଆଧ୍ୟାତ୍ମିକ ପ୍ରଭାବ। ଯେଉଁମାନେ ସେଇ ବିଶ୍ୱାସ ଓ ସମର୍ପଣଭାବ ନେଇ ଏଠାରେ ଧ୍ୟାନ କରନ୍ତି ବା କେବଳ କିଛି ସମୟ ଏଠାରେ ନୀରବତାରେ ଅତିବାହିତ କରନ୍ତି, ସେମାନେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବହୁ ଭାବରେ ଉପକୃତ ହୁଅନ୍ତି।'' ଗ୍ରନ୍ଥଟିରେ ଯେଉଁସବୁ ଶ୍ରୀତନୁ ସ୍ମାରକ ପୀଠର ଆଲୋକଚିତ୍ର ପ୍ରଦତ୍ତ ହୋଇଛି, ତାହା ଦେଖିଲେ ସେସବୁ ସ୍ଥାନକୁ ଯାଇ ଜୀବନର ଅନ୍ତତଃ କେଇଟି ମୁହୂର୍ତ୍ତ ବିତାଇ ଦେବାର ପ୍ରଲୋଭନ ମନ, ପ୍ରାଣ ଓ ଚେତନାକୁ ଆବୋରି ବସେ। ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ପ୍ରତିଷ୍ଠା ପଛରେ କେତେକେତେ ଲୋକଙ୍କର କେତେକେତେଯେ ଦିବ୍ୟ ଅନୁଭୂତି, ତାହା ପାଠକଲେ ଅପାର ବିସ୍ମୟରେ ମନ ପୂରିଉଠେ। ବହିଟିରେ ଯେତିକି ତଥ୍ୟ, ସେତିକି ଉପସ୍ଥାପନାର ଯାଦୁ। ହାତରେ ପଡ଼ିଲେ ବହିଟିକୁ ଛାତିରେ ଚାପି ଧରିବାକୁ ଏଇଥି ପାଇଁ ଇଚ୍ଛାହୁଏଯେ, ଏହା ଏକ ସାମାନ୍ୟ ପ୍ରାପ୍ତି ନୁହେଁ, ପୁସ୍ତକାୟିତ ଏକ ଉପଲବ୍ଧି।

## ନୀଳାଦ୍ରିଭୂଷଣ

**ନାଟ୍ୟ-ଜିଜ୍ଞାସା**
ସଂ. ଡ. ଆଲୋକ ବରାଳ, ଡ. ପ୍ରଦୋଷ କୁମାର ସ୍ୱାଇଁ
**ପ୍ରକାଶକ:** ଅଗ୍ରଦୂତ, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ. ୩୨୫/-




ଆଲୋଚ୍ୟ ଗ୍ରନ୍ଥଟି ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକ ସମ୍ପର୍କରେ ଏକ ସ୍ୱୟଂସମ୍ପୂର୍ଣ୍ଣ ଆଲୋଚନା ପୁସ୍ତକ। ଡିମାଇ ସାଇଜ୍‌ର ୩୬୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିରେ ପ୍ରଫେସର ହରିଚନ୍ଦନ ଲେଖିଥିବା ପ୍ରାୟ ୫୦ଟିରୁ ଊର୍ଦ୍ଧ୍ୱ ନାଟକର ଆକଳନ କରିଛନ୍ତି ଓଡ଼ିଶାର ବହୁ ବରିଷ୍ଠ ଓ ନବୀନ ସମାଲୋଚକ। ବରିଷ୍ଠମାନଙ୍କ ମଧ୍ୟରେ ଅଛନ୍ତି ଡ. ହେମନ୍ତ କୁମାର ଦାସ, ପ୍ର. ବୈଷ୍ଣବ ଚରଣ ସାମଲ, ଡ. ବିଜୟ କୁମାର ଶତପଥୀ, ପ୍ର. ସମର ମୁଦାଲି, ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ର. ନାରାୟଣ ସାହୁ ଓ ପ୍ର. ସବିତା ପ୍ରଧାନ ପ୍ରମୁଖ। ନବୀନମାନଙ୍କ ମଧ୍ୟରେ ଅଛନ୍ତି ଡ. ସୋମନାଥ ବିଷୋୟୀ, ଡ. ଜ୍ଞାନରଞ୍ଜନ ପଣ୍ଡା, ଡ. ଲକ୍ଷ୍ମୀପ୍ରିୟା ବେହେରା ଓ ଡ. ବିଦ୍ୟୁତ୍‌ପ୍ରଭା ରାଉତ ପ୍ରମୁଖ। ବହିଟିର ସମ୍ପାଦନା କରିଛନ୍ତି ଡ. ଆଲୋକ ବରାଳ ଓ ଡ. ପ୍ରଦୋଷ କୁମାର ସ୍ୱାଇଁ। ଏହି ଦୁଇ ସମ୍ପାଦକଙ୍କର ଦୁଇଟି ସମୀକ୍ଷା ନିବନ୍ଧ ମଧ୍ୟ ଗ୍ରନ୍ଥରେ ସ୍ଥାନିତ। ନୀଳାଦ୍ରିଭୂଷଣଙ୍କ ନାଟ୍ୟ-ଜଗତର ବ୍ୟାପକତାକୁ ମନଯୋଗ ଦେଇ ଲକ୍ଷ୍ୟକଲେ ମନେହୁଏଯେ ଓଡ଼ିଆ ନାଟ୍ୟ-ସାହିତ୍ୟରେ ମନୋରଞ୍ଜନ ଦାସଙ୍କ ପରବର୍ତ୍ତୀ ସମୟଖଣ୍ଡରେ ସେ ଜଣେ ସଫଳ ପ୍ରୟୋଗବାଦୀ ନାଟ୍ୟକାର। ପୁରାଣ, ଇତିହାସ, ଜୀବନୀ ଓ ସମାଜର ବୈଚିତ୍ର୍ୟପୂର୍ଣ୍ଣ ନାନା ଘଟଣା ଆଧାରରେ ସେ ଯେଉଁ ନୂତନ ଶୈଳୀର ନାଟକମାନ ଲେଖିଯାଇଛନ୍ତି, ତା'ର ଯଥାର୍ଥ ଆକଳନ ଏ ଯାବତ୍ ହୋଇନାହିଁ। ବେତାର ନାଟକକୁ ନୀଳାଦ୍ରିଙ୍କ ଅବଦାନ ମଧ୍ୟ ଉଲ୍ଲେଖନୀୟ। ଆଲୋଚ୍ୟ ଗ୍ରନ୍ଥଟି ଜଣେ ମାର୍ଗ-ରଚକ ନାଟ୍ୟକାର ଭାବେ ନୀଳାଦ୍ରିଭୂଷଣଙ୍କୁ ବିଦିତ କରାଇବାରେଯେ ସହାୟତା କରିବ, ଏଥିରେ ସନ୍ଦେହ ନାହିଁ।

## ଡାଏରୀରୁ ଗୋଟିଏ ପୃଷ୍ଠା

**ଲେଖକ:** ଗୋରାଚାନ୍ଦ ଦାସ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୭, **ମୂଲ୍ୟ:** ଟ.୧୧୦/-




ମୋଟ ୧୧ଟି ଗଳ୍ପ ସଂକଳନଟିରେ ସ୍ଥାନିତ। ହରପ୍ରସାଦ ଦାସ ବହିଟି ସମ୍ପର୍କରେ ଲେଖିଛନ୍ତି: ''ଏ ସଂକଳନରେ ଏମିତି କେଉଁ ଗୋଟିଏ ଗଳ୍ପ ନାହିଁ, ଯେଉଁଥିରେ କଥାକାର ସାହିତ୍ୟକୁ ଆଖିରେ ରଖି ତାଙ୍କ ପାରଦର୍ଶିତା ଦେଖାଇବାର ପ୍ରୟାସ କରିଛନ୍ତି। ସେ ଏ ଗଳ୍ପଗୁଡ଼ିକ କରିଛନ୍ତି ନିଭୃତରେ ସ୍ୱୀକାରୋକ୍ତି ଭଳି।'' ଗୁରୁକଲ୍ୟାଣ ମହାପାତ୍ର ଆଶୟ (form) ଓ ବିଷୟ (content) ଦୃଷ୍ଟିରୁ ଗଳ୍ପଗୁଡ଼ିକ ସଫଳ ହୋଇଛି ବୋଲି କହିଛନ୍ତି। ନିଜେ ଗୋରାଚାନ୍ଦ ଯାହା କହିଛନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି: ''ଚରିତ୍ରମାନଙ୍କ ସହିତ ତଲ୍ଲୀନ ହୋଇପଡ଼େ ମୁଁ ଏବଂ ସେମାନଙ୍କୁ ନ୍ୟାୟ ଦେବାକୁ ଚେଷ୍ଟାକରେ। x x x କାହାଣୀ କଳ୍ପିତ କିମ୍ବା ବାସ୍ତବ ମୋତେ ଜଣାପଡ଼େନା, ବାସ୍ତବତା ବେଳେବେଳେ କଳ୍ପନାକୁ ବଳିଯାଏ।'' ଏଇଥିରୁ ବୁଝିହୁଏ, ଗୋରାଚାନ୍ଦ ଜଣେ ଆତ୍ମନିମଗ୍ନ କଥାଶିଳ୍ପୀ, ଯିଏ ଗପ ଲେଖିବାବେଳେ ବାହାରର ବାଃ ବାଃକୁ ଅପେକ୍ଷା ରଖନ୍ତି ନାହିଁ। ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକ ପାଠିକାପାଠକଙ୍କୁ ନିଜ ପାଖକୁ ଫେରାଇ ନେବ ଓ ଏହି କାରଣରୁ ବହିଟିର ଆଦୃତି ଅବଶ୍ୟ ରହିବ।

## ଅପ୍ରମେୟ ଶ୍ରୀଜଗନ୍ନାଥ

**ସଙ୍କଳକ:** ପୀତବାସ ରାଉତରାୟ
**ପ୍ରକାଶକ:** ମହାବୀର ପ୍ରକାଶନ, ଭୁବନେଶ୍ୱର-୯
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୨୫୦/-



ଶ୍ରୀଜଗନ୍ନାଥଙ୍କ ଲୀଳାଖେଳାର ଅପ୍ରମେୟତାକୁ ନେଇ ପୀତବାସଙ୍କ ଦ୍ୱାରା ସଂକଳିତ ଏ ପୁସ୍ତକ ନାନା ବ୍ୟକ୍ତିଙ୍କ ବହୁ ବିଚିତ୍ର, ଅଲୌକିକ ଅନୁଭୂତିରେ ପରିପୂର୍ଣ୍ଣ। ବିଭିନ୍ନ ବିଭାଗରେ ବହିଟି ବିଭକ୍ତ। ଯଥା: 'ଚିତ୍ରଶିଳ୍ପୀଙ୍କ ବୟାନ'ରେ ଅଛନ୍ତି ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥା, 'ଶ୍ଳୋକରେ ତବ ପୂଜନ'ରେ ଅଛନ୍ତି ଡ. କୃଷ୍ଣକେଶବ ଷଡ଼ଙ୍ଗୀ, 'ଅକ୍ଷୟ ତୃତୀୟା ବୟାନ'ରେ ଶରତ କୁମାର କର, 'ପ୍ରତିଭା ପ୍ରଣାମ-୧'ରେ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ଡ. ସୁବାସ ପାଣି, ଚନ୍ଦ୍ରମଣି ନାରାୟଣ ସ୍ୱାମୀ, 'ସାକ୍ଷାତ୍‌କାର ସମ୍ଭାଷଣ'ରେ ଡ. ଅଶୋକ କୁମାର ମହାପାତ୍ର, 'ପ୍ରତିଭା ପ୍ରଣାମ-୨'ରେ ସାତକଡ଼ି ହୋତା ଓ ବନଜ ଦେବୀ ପ୍ରମୁଖ। 'ପ୍ରତିଭା ପ୍ରଣାମ'ର ୬ଟି ପ୍ରଭାଗ ରହିଛି ଓ ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ନାନା ପ୍ରସଙ୍ଗରେ ଲେଖିଛନ୍ତି। 'ଭବ୍ୟ ମନ୍ଦିର ନିର୍ମାଣ', 'ସାରଳା ପଞ୍ଜିକା-ଅଧ୍ୟାୟ ନୂତନ', 'ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅପୂର୍ବ ମିଳନ', 'ବାଇଶି ପାହାଚର ବାଇଶ ସ୍ପନ୍ଦନ' ଏବଂ 'ଚଳଚିତ୍ର ଦୁନିଆରେ ପ୍ରଭୁଙ୍କୁ ପ୍ରଣାମ' ଇତ୍ୟାଦି ସୁଖପାଠ୍ୟ ହୋଇଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ 'ଅପ୍ରମେୟ ଶ୍ରୀଜଗନ୍ନାଥ'ଯେ ଏକ ପଥିକୃତ୍ ଉଦ୍ୟମ, ଏଥିରେ ସନ୍ଦେହ ନାହିଁ।

## The Kalinga Heritage

**ଲେଖକ:** ବିଜୟ କୁମାର ସ୍ୱାଇଁ
**ପ୍ରକାଶକ:** ଅଥର୍ସ ପ୍ରେସ୍, ନୂଆଦିଲ୍ଲୀ-୧୬
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୮୯୫/-




ଗ୍ରନ୍ଥର ପ୍ରଚ୍ଛଦଲେଖରେ କୁହାଯାଇଛି: "The history and heritage of Kalinga are more talked about than recorded. This book makes an attempt to revisit the glorious history of Kalinga by exploring epigraphic records in India, Indonesia and Sri Lanka." ପ୍ରାୟ ସାଢ଼େ ତିନିଶହ ପୃଷ୍ଠାର ଏହି ବହିଟିକୁ ତନ୍ନତନ୍ନ କରି ପଢ଼ିଲେ ଜଣାଯାଏଯେ, କଳିଙ୍ଗ ଇତିହାସର ଏହା ହେଉଛି ସବୁଠୁଁ ନିର୍ଭରଯୋଗ୍ୟ ଉପସ୍ଥାପନ, ଯେଉଁଥିରେ କଥିତ ଘଟଣାବଳୀ ସପକ୍ଷରେ ପ୍ରାମାଣିକ ଶିଳାଲେଖ ଓ ଗ୍ରନ୍ଥୋଲ୍ଲେଖ ଆଦିର ଅବତାରଣା କରାଯାଇଛି। 'କଳିଙ୍ଗ', 'ତ୍ରିକଳିଙ୍ଗ', 'ସକଳ କଳିଙ୍ଗ' ଓ 'ସକଳୋତ୍କଳ ସାମ୍ରାଜ୍ୟ' ଆଦିର ଯେଉଁ ବିଶ୍ଳେଷଣ ଓ ବ୍ୟାଖ୍ୟା ଗ୍ରନ୍ଥଟିରେ ହୋଇଛି, ତାହା ଇତିହାସର ପୁନଃ ବ୍ୟାଖ୍ୟା ଓ ଏହି କାରଣରୁ ଏହାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ଖ୍ରୀ.ପୂ. ତୃତୀୟ ଶତାବ୍ଦୀଠାରୁ ୧୫୬୮ ପର୍ଯ୍ୟନ୍ତ କଳିଙ୍ଗର ଐତିହ୍ୟ ଏଥିରେ ଅତ୍ୟନ୍ତ ଦାୟିତ୍ୱବତ୍ତାର ସହ ବର୍ଣ୍ଣିତ ହୋଇଛି। ପାଠକ, ଗବେଷକ ଓ ଐତିହାସିକମାନଙ୍କୁ କଳିଙ୍ଗ ସମ୍ପର୍କୀୟ ଉତ୍ତରୋତ୍ତର ଅନୁଧ୍ୟାନ ଓ ଅଧ୍ୟୟନରେ ଏହା ବିଶେଷ ସହାୟକ ହେବ ବୋଲି ଆଶା।